# ଉଚ୍ଚଶିକ୍ଷା ଓ ଚାକିରି କ୍ଷେତ୍ରରେ ଅସୁବିଧା ଭୋଗୁଛନ୍ତି ଥାଲାସେମିଆ ରୋଗୀ

- ଥାଲାସେମିଆ ଓ ସିକେଲସେଲ ରୋଗୀଙ୍କୁ ଆଉ ମିଳୁନି ସ୍ଥାୟୀ ଭିନ୍ନକ୍ଷମ ସାର୍ଟିଫିକେଟ
- ୨୦୧୮ ପରଠୁ ମିଳୁଛି ଅସ୍ଥାୟୀ ସାର୍ଟିଫିକେଟ୍

ବାଲେଶ୍ୱର, ୧୬।୫(ସମିସ):

ବାମପଦା ଅଞ୍ଚଳର ଥାଲାସେମିଆ ରୋଗୀ ଦେବସ୍ମିତା ଥାପ୍ପା। ଯିଏକି ଯୁକ୍ତ ଦୁଇ ପାସ୍ ପରେ ବିଇଡି ପଢ଼ିବାକୁ ଚାହୁଁଥିଲେ। ହେଲେ ଅସ୍ଥାୟୀ ସାର୍ଟିଫିକେଟ ପାଇଁ ତାଙ୍କୁ ସୁଯୋଗ ମିଳିପାରିଲା ନାହିଁ। ବାଧହୋଇ ଜେନେରାଲରେ ଫକୀରମୋହନ କଲେଜରେ ଯୁକ୍ତ ତିନି ପାଠ ପଢୁଛନ୍ତି। ସେହିପରି କୈବଲ୍ୟ ବିଶ୍ୱାଳ, ଯିଏକି ମାଟ୍ରିକ ପରୀକ୍ଷାରେ ୯୧ ପ୍ରତିଶତ ନମ୍ବର ରଖିଛନ୍ତି। ହେଲେ ଅସ୍ଥାୟୀ ସାର୍ଟିଫିକେଟ ପାଇଁ ବର୍ତମାନ ସେ ଯୁକ୍ତ ଦୁଇ ପାଠ ପଢୁଛନ୍ତି। ସେହିପରି ସ୍ୱସ୍ତି ଶେଖର ଆଚାର୍ଯ୍ୟ ଓ ଲିଓନା ମହାନ୍ତି ଯୁକ୍ତ ଦୁଇ ପରେ ବିଇଡି କରିବାକୁ ଚାହୁଁଥିଲେ ହେଁ ଅସ୍ଥାୟୀ ସାର୍ଟିଫିକେଟ ପାଇଁ ସେମାନେ ସେଥିରୁ ବଞ୍ଚିତ ହୋଇଛନ୍ତି। ଅସ୍ଥାୟୀ ସାର୍ଟିଫିକେଟ ପାଇଁ ରିଜର୍ଭେସନ୍ ସିଟ୍ ମିଳିପାରୁନାହିଁ। ଏହି ଅସ୍ଥାୟୀ ସାର୍ଟିଫିକେଟ ଅନେକ ଥାଲାସେମିଆ ରୋଗୀଙ୍କ ବାଟ ହୁଡୁଥିବା କହିଛନ୍ତି। ଏହିପରି ଅନେକ ଥାଲାସେମିଆ ପିଲା ସମାନ ପରିସ୍ଥିତି ଦେଇ ଗତି କରୁଥିବା ଜଣାପଡ଼ିଛି। ଫଳରେ ପାଠପଢ଼ା ଓ ଚାକିରି କ୍ଷେତ୍ରରେ ଅସୁବିଧା ଭୋଗୁଛନ୍ତି ଥାଲାସେମିଆ ରୋଗୀ।

ଥାଲାସେମିଆ ଓ ସିକେଲସେଲ ରୋଗୀଙ୍କୁ ଭିନ୍ନକ୍ଷମ ସାର୍ଟିଫିକେଟ ସ୍ଥାୟୀ ଦିଆଯାଉନାହିଁ। ଆଗରୁ ସେମାନଙ୍କୁ ସ୍ଥାୟୀ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯାଉଥିଲା। ମାତ୍ର ୨୦୧୮ ମସିହାଠାରୁ ସେମାନଙ୍କୁ ଅସ୍ଥାୟୀ ଭାବେ ଭିନ୍ନକ୍ଷମ ସାର୍ଟିଫିକେଟ ପ୍ରଦାନ କରାଯାଉଛି। ଏହାଦ୍ୱାରା ପୁଣି ନବୀକରଣ କରିବା ପରେ ବି ସେମାନଙ୍କୁ ମିଳୁଛି ଅସ୍ଥାୟୀ ସାର୍ଟିଫିକେଟ। ଯାହାଫଳରେ ଗାଇଡଲାଇନ୍ ଅନୁସାରେ ଥାଲାସେମିଆଙ୍କ ପାଇଁ କୌଣସି ରିଜର୍ଭେଜନ୍ ନାହିଁ। ସୁବିଧା ସୁଯୋଗ ପାଇପାରୁ ନାହାନ୍ତି। ଏହା ଫଳରେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିବା ବେଳେ ଚାକିରି କ୍ଷେତ୍ରରେ ସେମାନଙ୍କ ପାଇଁ ରିସର୍ଭେସନ୍ ମିଳୁନାହିଁ। କେବଳ ଭତ୍ତା ଟଙ୍କାରେ ଥାଲାସେମିଆ ରୋଗୀ ବଞ୍ଚିବେ କି। ଚାକିରିରେ ରିଜର୍ଭେସନ୍ ମିଳିଲେ ନିଜ ଗୋଡ଼ରେ ଛିଡ଼ା ହେବା ସହ ଭଲ ପାଠ ପଢ଼ିପାରିବେ। ନିଜର ଯୋଗ୍ୟତା ଅନୁଯାୟୀ ଚାକିରି କରି ସାଧାରଣ ଜୀବନଯାପନ ବଞ୍ଚିପାରିବେ। ମଧୁବାବୁ ଭତ୍ତାରେ ଏମାନେ ଆଗରୁ ୫୦୦ ଟଙ୍କା ପାଉଥିଲେ ଏବେ ଏକ ହଜାର ଟଙ୍କା ପାଉଛନ୍ତି। ଏହାବ୍ୟତୀତ ଯେଉଁମାନେ ୬୦ ପ୍ରତିଶତ ଭିନ୍ନକ୍ଷମ ସେମାନଙ୍କୁ ୧୨ ଶହ ଟଙ୍କା ମିଳୁଛି।

ପ୍ରକାଶ ଥାଉ କି, ସାରା ଓଡ଼ିଶାରେ ୩୦ ହଜାରରୁ ଅଧିକ ଥାଲାସେମିଆ ରୋଗୀ ରହିଥିବା ବେଳେ ବାଲେଶ୍ୱର ଓ ଗଞ୍ଜାମ ବ୍ରହ୍ମପୁରରେ ସବୁଠୁ ଅଧିକ ରୋଗୀ ଅଛନ୍ତି। ତେବେ ବାଲେଶ୍ୱରରେ ୮ ଶହରୁ ଅଧିକ ପଞ୍ଜୀକୃତ ଥାଲାସେମିଆ ରୋଗୀ ଅଛନ୍ତି। ଥାଲାସେମିଆ ପିଲାମାନେ ଏବେ ପାଠପଢ଼ା ପାଇଁ ନାମ ଲେଖାଇବାକୁ ଗଲା ବେଳକୁ ଜାଣିବାକୁ ପାଇଲୁ ଯେ ସେମାନଙ୍କୁ ଅସ୍ଥାୟୀ ଭିନ୍ନକ୍ଷମ ସାର୍ଟିଫିକେଟ ଦିଆଯାଇଛି। ଫଳରେ ସେମାନଙ୍କୁ କଲେଜରେ ଆଡମିସନ ମିଳିପାରୁନାହିଁ। ଏହି ଅସ୍ଥାୟୀ ସାର୍ଟିଫିକେଟ ପାଇଁ ସାମ୍ ସିଧାସଳଖ ନାମ ଲେଖା ପାଇଁ ମନା କରିଦେଇଛନ୍ତି। ଏମିତି ବହୁତ ପିଲା ହଇରାଣ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ଗାଇଡ ଲାଇନ ଅନୁଯାୟୀ ଏମାନଙ୍କୁ ପ୍ରଥମେ ସ୍ଥାୟୀ ଭିନ୍ନକ୍ଷମ ସାର୍ଟିଫିକେଟ ମିଳୁଥିଲା ମାତ୍ର ୨୦୧୮ ପରଠୁ ଏହା ଅସ୍ଥାୟୀ ଭାବେ ଦିଆଯାଉଛି। ଫଳରେ ସେମାନେ କୌଣସି ଯୋଜନାର ସୁବିଧା ପାଉନାହାନ୍ତି। ଏହାବ୍ୟତୀତ ଆଉ ଏକ ବଡ ସମସ୍ୟା ହେଉଛି ପ୍ରାୟତଃ ସମସ୍ତ ଥାଲାସେମିଆ ପରିବାର ହେଉଛନ୍ତି ରାସନ କାର୍ଡ ଅନ୍ତର୍ଭୁକ୍ତ। ମାତ୍ର ଏହି ଚାଉଳ ବସ୍ତା ଉପରେ ଥାଲାସେମିଆ ଓ ସିକେଲସେଲ ପିଲାମାନେ ଏହି ଚାଉଳ ଖାଇବେ ନାହିଁ ବୋଲି ଲେଖାଯାଇଛି। କିନ୍ତୁ ଏମାନେ ଖାଇବା ପାଇଁ ବାଧ ହେଉଛନ୍ତି। କାରଣ ପରିବାରର ସେମିତି ରୋଜଗାର ନଥିବା ବେଳେ ଏ ବାବଦରେ ଅନେକ ସଚେତନ ମଧ ନାହାନ୍ତି। ଏହି ଚାଉଳ ଖାଇବା ଦ୍ୱାରା ସେମାନଙ୍କ ଆଇରନ୍ ଅଧିକ ବଢ଼ିଯାଉଛି ବୋଲି ଥାଲାସେମିଆ ଅଭିଭାବକ ତଥା ଥାଲାସେମିଆ, ସିକେଲସେଲର ବାଲେଶ୍ୱର ପ୍ରଭାରୀ ଉଦୟଭାନୁ ନାୟକ କହିଛନ୍ତି।

## ଦିବ୍ୟାଙ୍ଗ ମହିଳାଙ୍କୁ ନିର୍ଯାତନା ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ନେବାକୁ କୋର୍ଟଙ୍କ ନିର୍ଦ୍ଦେଶ

ବାରିପଦା, ୧୬।୫(ସମିସ): ଜନୈକା ଦିବ୍ୟାଙ୍ଗ ମହିଳାଙ୍କୁ ତାଙ୍କ ଶାଶୂଘର ଲୋକେ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ବାରିପଦା ସ୍ଥିତ ଏସଡିଜେଏମ କୋର୍ଟ ପକ୍ଷରୁ ଅଭିଯୋଗକ୍ରମେ ବାରିପଦା ଟାଉନ ଥାନା ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅଭିଯୋଗ ଅନୁଯାୟୀ, ବାରିପଦାର ତୁଳସୀଚୌରା ଅଞ୍ଚଳର ସୁଶୀଲ ପାତ୍ରଙ୍କ ସହିତ ପ୍ରଫୁଲ୍ଲ ନଗର ଅଞ୍ଚଳର ମନୀଷା ସେଠୀଙ୍କ ବିବାହ ହୋଇଥିଲା। ବିବାହ ସମୟରେ ୨ ଲକ୍ଷ ୩୫ ହଜାର ଟଙ୍କା ସମେତ ବାଇକ, ସୁନା ଅଳଙ୍କାର ଏବଂ ଘରକରଣା ସାମଗ୍ରୀ ଆଦି ଯୌତୁକ ଆକାରରେ ଦିଆଯାଇଥିଲା। ହେଲେ ବିବାହର କିଛି ଦିନ ପରେ ଶାଶୂଘର ଲୋକେ ମନୀଷାଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ସେ ଜଣେ ଦିବ୍ୟାଙ୍ଗ ହୋଇଥିବାରୁ ତାଙ୍କୁ ଆକ୍ଷେପ କରି ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ସ୍ୱାମୀ ପ୍ରତିଦିନ ମଦପିଇବା ସହିତ ମାରଧର କରୁଥିବା ମଧ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏପରିକି ସେ ଗର୍ଭବତୀ ଥିବା ବେଳେ ତାଙ୍କୁ ଖାଇବାକୁ ନ ଦେଇ ଶାଶୂଘର ଲୋକେ ବାରମ୍ବାର ନିର୍ଯାତନା ଦେଉଥିଲେ। ଏନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ ମାମଲା ରୁଜୁ ହୋଇନଥିବାରୁ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଡାକ୍ତରୀ ରିପୋର୍ଟକୁ ଅନୁଧ୍ୟାନ କରି ଏସଡିଜେଏମ କୋର୍ଟ ପକ୍ଷରୁ ମାମଲା ରୁଜୁ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରେ ଆମୋନିଆ ଗ୍ୟାସ୍ ଲିକ୍



- ୨୦ରୁ ଅଧିକ ମହିଳା କର୍ମଚାରୀ ଅସୁସ୍ଥ

ନୀଳଗିରି, ୧୬।୫(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପକଣ୍ଠ ତଥା ରେମୁଣା ବ୍ଲକ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ଗଡ଼ିଆମାଳସ୍ଥିତ ସ୍ନୋ ୱାର୍ଲଡ ମେରାଇନ ଏକ୍ସପୋର୍ଟସ ପ୍ରା.ଲି. ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟରେ ଗୁରୁବାର ରାତିରେ ଆମୋନିଆ ଗ୍ୟାସ ଲିକ୍ ହୋଇ ୨୦ରୁ ଅଧିକ ମହିଳା କର୍ମଚାରୀ ଗୁରୁତର ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଛି। ଆଜି ରାତି ପ୍ରାୟ ୮ରେ ପ୍ଲାଣ୍ଟ ଭିତରେ କାମ କରୁଥିବା ମହିଳାମାନେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ନୀଳଗିରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଧିକାଂଶ ମହିଳାଙ୍କ ଅବସ୍ଥା ସ୍ଥିର ରହିଛି।

## ପଞ୍ଚମ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ପ୍ରତିଯୋଗିତା

# ଫାଇନାଲରେ ବାଲେଶ୍ୱର ଓ ସୋନପୁର ଟିମ୍




ବାଲେଶ୍ୱର, ୧୬।୫(ସମିସ): ମେ ୧୫ ତାରିଖରୁ ଆରମ୍ଭ ହୋଇ ମେ ୧୭ ତାରିଖ ଯାଏଁ କେ.ଟି. ଗ୍ଲୋବାଲ ସ୍କୁଲ ପଡ଼ିଆରେ ଚାଲୁଥିବା ପଞ୍ଚମ ରାଜ୍ୟସ୍ତରୀୟ ମହିଳା କ୍ରିକେଟ ପ୍ରତିଯୋଗିତାରେ ୬ ଟି ଦଳ ଅଂଶ୍ରଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାଟିକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଏବଂ କେ.ଟି. ଗ୍ଲୋବାଲ ସ୍କୁଲର ମିଳିତ ସହଯୋଗରେ ଦୃଷ୍ଟିହୀନ କ୍ରିକେଟ ସଂଘ ଆୟୋଜନ କରିଛି। ଅଂଶଗ୍ରହଣ କରିଥିବା ଦଳ ମାନଙ୍କୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ 'ଏ' ରେ ସୋନପୁର, ବାଲେଶ୍ୱର ଏବଂ ମୟୂରଭଞ୍ଜ ରହିଥିବା ବେଳେ ଗ୍ରୁପ 'ବି' ରେ କଟକ, ଖୋର୍ଦ୍ଧା ଏବଂ ଭଦ୍ରକ ରହିଛନ୍ତି। ଗୁରୁବାର ସମସ୍ତ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ସମାପ୍ତ ହେବା ପରେ ପ୍ରଥମ ସେମି ଫାଇନାଲରେ ସୋନପୁର ଓ କଟକ ଏବଂ ଦ୍ୱିତୀୟ ସେମି ଫାଇନାଲରେ ବାଲେଶ୍ୱର ଓ ଖୋର୍ଦ୍ଧା ପରସ୍ପରଙ୍କୁ ଭେଟିଥିଲେ। ଉତ୍କୃଷ୍ଟ ଖେଳର ପ୍ରଦର୍ଶନ କରି ସୋନପୁର ଏବଂ ବାଲେଶ୍ୱର ଦଳ ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଆଜି ଦ୍ୱିତୀୟ ଦିନରେ ବିଭିନ୍ନ ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ୍ ଭାବରେ ପୁରସ୍କୃତ ହୋଇଥିବା ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀ ମେଘନା ସିଂ ପ୍ଲେୟାର ଅଫ୍ ଦ ମ୍ୟାଚ୍ ଭାବେ ପୁରସ୍କୃତ ରାଶି ପ୍ରଦାନ କରାଯାଇଛି। ଉକ୍ତ ପ୍ରତିଯୋଗିତାର ପୁରସ୍କାର ବିତରଣ ସମାରୋହରେ ଚାଇଲ୍ଡ ଏଣ୍ଡ ଓମେନ ଡେଭେଲପମେଣ୍ଟ ସୋସାଇଟିକର ଅଧ୍ୟକ୍ଷା ମେଜର ଡ଼ା. କଳ୍ପନା ଦାଶ, ଶୁଶୃତ ହସ୍ପିଟାଲ୍ ର ସି.ଇ.ଓ ଚିଦାତ୍ମିକ ଖଟୁଆ, କେ.ଟି. ଗ୍ଲୋବାଲ ସ୍କୁଲ ର ଡାଇରେକଟର ପ୍ରିନ୍ସିପାଲ ଦୀପ ଖାରେ, ଆଇ ଆଇ ଜି ସ୍ପୋର୍ଟସ ଏକାଡେମୀର କ୍ରୀଡ଼ା ନିର୍ଦ୍ଦେଶକ ପ୍ରଶାନ୍ତ ପୁହାଣ ଏବଂ ଜ୍ୟୋତି ଶଙ୍କର ନନ୍ଦ ପ୍ରମୁଖ ଅତିଥି ଭାବାରେ ଯୋଗଦାନ କରି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ବିଭିନ୍ନ ମ୍ୟାଚରେ ମ୍ୟାନ ଅଫ ଦ ମ୍ୟାଚ୍ ଭାବରେ ପୁରସ୍କୃତ ହୋଇଥିବା ଖେଳାଳୀମାନଙ୍କୁ ପୁରସ୍କୃତ କରିଥିଲେ। କେ ଟି ଗ୍ଲୋବାଲ ସ୍କୁଲ ଦୃଷ୍ଟିହୀନ କ୍ରିକେଟ ପାଇଁ ତାଙ୍କର ସମର୍ଥନ ଆଗକୁ ମଧ ଜାରି ରଖିବ ଏବଂ ପିଲା ମାନଙ୍କର ଟ୍ରେନିଂ ପାଇଁ ସମସ୍ତ ପ୍ରକାର ସହଯୋଗ କରିବ ବୋଲି କେ ଟି ଗ୍ଲୋବାଲ ସ୍କୁଲର ଅଧ୍ୟକ୍ଷ ଦୃଢ ପ୍ରତିଶ୍ରୁତି ଦେଇଛନ୍ତି। ଶେଷରେ ସମସ୍ତ ଅତିଥି ମାନଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ଖେଳାଳୀ ଏବଂ ଦୃଷ୍ଟିହୀନ କ୍ରିକେଟ୍ ସଙ୍ଘର ସଭାପତି ମହମ୍ମଦ ଜାଫର ଇକବଲ ଧନ୍ୟବାଦ୍ ଜଣାଇଛନ୍ତି।

# ପଡ଼ୋଶୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ବାରିପଦା, ୧୬।୫(ସମିସ): ପୂର୍ବ ଝଗଡ଼ାକୁ କେନ୍ଦ୍ରକରି ପଡୋଶୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଏନେଇ ସୁନାମୁହିଁ ଅଞ୍ଚଳର ମାନସ ମହାନ୍ତି ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ମାନସଙ୍କ ତାଙ୍କ ଘର ନିକଟରେ ଥିବା ଡ୍ରେନକୁ ସଫା କରୁଥିବା ବେଳେ ସାହିର ପଡୋଶୀମାନେ ତାଙ୍କୁ ଆକ୍ରମଣ କରିଥିଲେ। ମନୋରଞ୍ଜନ ପୁଥାଳ, ସଂଗ୍ରାମ କେଶରୀ ବେହେରା ଧକ୍କା ମାରି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏଥିପରେ ଉତକ୍ଷିପ୍ତ ହୋଇ ପାଖରେ ଥିବା ଏକ କୋଦାଳରେ ଆକ୍ରମଣ କରିଥିଲେ। ପରେ ସେ କୌଶଳକ୍ରମେ ସେଠାରୁ ଖସି ଆସିଥିଲେ। ତେବେ ଉକ୍ତ ଅଭିଯୋଗ ନେଇ ନିରଞ୍ଜନ ପୁଥାଳ ଏକ ପ୍ରତିଅଭିଯୋଗ କରିଛନ୍ତି।

# ବନ ବିଭାଗ କାବୁ କରିବା ପୂର୍ବରୁ ଜଙ୍ଗଲକୁ ପଳାଇଲା ବାଘ



ବାରିପଦା, ୧୬।୫(ସମିସ): ଜଗନ୍ନାଥପୁର ଅଞ୍ଚଳରେ ଗତକାଲି ବୁଲୁଥିବା ଏକ ବାଘକୁ ବନ ବିଭାଗ କାବୁ କରିବା ପୂର୍ବରୁ ଜଙ୍ଗଲକୁ ଖସି ପଳାଇଲା। ଶିମିଳିପାଳ ଅଭୟାରଣ୍ୟର ପାଦଦେଶ ଗାଁ ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଏକ ବାଘ ପଶି ଆସିଥିବାରୁ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ତେବେ ବାଘକୁ କାବୁ କରିବା ପାଇଁ ବନ ବିଭାଗ ପକ୍ଷରୁ ପଞ୍ଜୁରୀ ଗାଡି, ଟ୍ରାଙ୍କୁଲାଇଜର ସହିତ ଜାଲ ବିଛାଯାଇଥିଲା; ହେଲେ ବାଘକୁ କାବୁ କରିବାରେ ସଫଳ ହୋଇପାରି ନାହାନ୍ତି ବନ ବିଭାଗର କର୍ମଚାରୀ। ଗ୍ରାମ ନିକଟସ୍ଥ ଏକ ଗଛ ବୁଦା ଅଞ୍ଚଳରେ ବାଘ ଚଳପ୍ରଚଳ କରୁଥିବା ବେଳେ ଟ୍ରାଙ୍କୁଲାଇଜ କରି ଧରିବା ପାଇଁ ବାରମ୍ବାର ପ୍ରୟାସ ଜାରି ରଖିଥିଲେ। ଏଥି ସହିତ ବାଘକୁ ଧରିବା ପାଇଁ ଜାଲ ମଧ ବିଛାଯାଇଥିଲା। କିନ୍ତୁ ବାଘ ଜନବସତି ଅଞ୍ଚଳର ଜଙ୍ଗଲ ମୁହାଁ ହୋଇଥିବା କୁହାଯାଇଛି। ବର୍ତ୍ତମାନ ଜଗନ୍ନାଥପୁର ଅଞ୍ଚଳରେ ବାଘ ନ ଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଏସିଏଫ ପ୍ରଦୀପ ଦେ ସୂଚନା ଦେଇଛନ୍ତି। ମାତ୍ର ଉକ୍ତ ଅଞ୍ଚଳରେ ବାଘର ଆତଙ୍କ ମଧ ରହିଛି। ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଗୃହପାଳିତ ପଶୁକୁ ଘର ବାହାରକୁ ଛାଡି ନ ଥିଲେ। ଉକ୍ତ ଗ୍ରାମ ନିକଟରେ ଏକ କଲରାପତରିଆ ବାଘ କିଛି ଦିନ ହେବ ଚଳପ୍ରଚଳ କରୁଥିବା ସ୍ଥାନୀୟ ଲୋକେ ଦେଖିଥିବା କହିଛନ୍ତି। ଗ୍ରାମବାସୀ ବାଘ ରଡି ଶୁଣି ଭୟଭୀତ ହୋଇପଡ଼ିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗାଁ ଲୋକେ ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ଟିମ ଘଟଣାସ୍ଥଳରେ ପହଞ୍ଚି ବାଘକୁ ଧରିବାକୁ ପ୍ରଚେଷ୍ଟା ଆରମ୍ଭ କରିଥିଲେ; ହେଲେ କାବୁ କରିବା ପୂର୍ବରୁ ବାଘଟି ଜଙ୍ଗଲକୁ ପଳାଇଛି।

# ଘରେ ପଶି ଶଶୁର ଓ ସଢୁଙ୍କୁ ଜ୍ୱାଇଁର ମରଣାନ୍ତକ ଆକ୍ରମଣ

ବାରିପଦା, ୧୬।୫(ସମିସ): ଘରେ ପଶି ଶଶୁର ଓ ସଢୁଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଛି ଜ୍ୱାଇଁ। ଫଳରେ ଉଭୟ ଆହତ ହୋଇଥିବା ଜଣାପଡ଼ିଛି। ଏ ନେଇ ଦେବେନ୍ଦ୍ରପୁର ଅଞ୍ଚଳର ସନ୍ତୋଷ ନାଏକ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସନ୍ତୋଷ ନାଏକଙ୍କ ଝିଅ ସହିତ ଜଳେଶ୍ୱର ଥାନା ଅନ୍ତର୍ଗତ ମହମ୍ମଦ ନଗର ଅଞ୍ଚଳର ଶିବ ଜେନାଙ୍କବିବାହ ହୋଇଥିଲା। ବିବାହର କିଛି ବର୍ଷ ପରେ ତାଙ୍କ ଝିଅକୁ ଜ୍ୱାଇଁ ନିର୍ଯାତନା ଦେଉଥିଲେ; ଯାହାକୁ ନେଇ ଝିଅ ବାରିପଦା ସ୍ଥିତ ବାପଘରକୁ ଆସି ବାରିପଦା ଟାଉନ ଥାନାରେ ନିର୍ଯାତନା ନେଇ ଅଭିଯୋଗ କରିଛନ୍ତି। ଏନେଇ ଜ୍ୱାଇଁ ଉତକ୍ଷିପ୍ତ ହୋଇ ତାଙ୍କ ଘରେ ପହଞ୍ଚି ଏକ ମାରଣାସ୍ତ୍ରରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଭୁଜାଲିରେ ଆକ୍ରମଣ କରିବାରୁ ଶଶୁର ସନ୍ତୋଷ ନାଏକ ଏବଂ ବଡଜ୍ୱାଇଁ କୁଳମଣି ନାଏକ ଆହତ ହୋଇଛନ୍ତି। ଉଭୟଙ୍କୁ ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି।

# ରାସ୍ତାରେ ଉଚ୍ଚ ହମ୍ପସ ବଢ଼ାଉଛି ଦୁର୍ଘଟଣା



- ଦୁଇ ବସ୍ ଧକ୍କା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ବାଲେଶ୍ୱର, ୧୬।୫(ସମିସ):

ଦୁର୍ଘଟଣାକୁ ରୋକିବା ପାଇଁ ରାସ୍ତାର ଛକଛକ ସ୍ଥାନ ଗୁଡିକରେ ହମ୍ପସ ନିର୍ମାଣ କରାଯାଇ ଥାଏ। ମାତ୍ର ଅଧିକ ଉଚ୍ଚତା ବିଶିଷ୍ଟ ହମ୍ପସ ଗୁଡିକ ପାଇଁ ଅଧିକାଂଶ ସମୟରେ ଦୁର୍ଘଟଣା ମଧ ଘଟିଥାଏ। ଗୁରୁବାର ଦିନ ପ୍ରାୟ ଦେଢଟା ସମୟରେ ବାଲେଶ୍ୱର ସହରସ୍ଥ ଓଟି ରୋଡର ଡିଆଇସି କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଉପରେ ଥିବା ଏକ ଅଧିକ ଉଚ୍ଚତା ବିଶିଷ୍ଟ ହମ୍ପସ ପାଇଁ ଦୁଇଟି ବସ ମଧ୍ୟରେ ଦୁର୍ଘଟଣା ଘଟିଛି। ହମ୍ପସ ନିକଟରେ ଗତି ଧିମେଇ ଦେଇଥିବା ଏକ ବସର ପଛପଟୁ ଅନ୍ୟ ଏକ ବସ ଧକ୍କା ଦେଇଛି। ଫଳରେ ଦୁଇଟି ବସ ଭାଙ୍ଗିରୁଜି ଯାଇଥିବା ଦେଖାଯାଇଛି। ହେଲେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଯାତ୍ରୀମାନେ। ଗୁରୁବାର ଦିନ ପ୍ରାୟ ଦେଢଟା ସମୟରେ ଶ୍ରୀରାମଜି ବସ ଫିଟନେସ ପରୀକ୍ଷା କରିବା ପାଇଁ ଆଇଟିଆଇ ଛକ ନିକଟରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) କୁ ଯାଇଥିଲା। କାର୍ଯ୍ୟାଳୟରେ କାମ ସାରି ଶ୍ରୀରାମଜି ବସ ପୁଲିସଲାଇନ ଛକ ଆଡକୁ ଆସୁଥିଲା। ଏହି ସମୟରେ ଓଟି ରୋଡର ଡିଆଇସି କାର୍ଯ୍ୟାଳୟ ସମ୍ମୁଖ ଛକ ନିକଟରେ ଥିବା ହମ୍ପସକୁ ଅତିକ୍ରମ କରିବା ଲାଗି ଧିମା ଗତିରେ ଯାତ୍ରୀବାହୀ ବିଜୟା ବସ ମଧ ପୁଲିସଲାଇନ ଛକ ଆଡକୁ ଯାଉଥିଲା। ସ୍ୱାଭାବିକ ଗତିରେ ଆସୁଥିବା ଶ୍ରୀରାମଜି ବସର ଚାଳକ ହଠାତ ଗାଡିର ଗତିକୁ ରୋକିବାରେ ବିଫଳ ହେବାରୁ ହମ୍ପସକୁ ଅତିକ୍ରମ କରୁଥିବା ବିଜୟା ବସକୁ ପଛଆଡୁ ଧକ୍କା ଦେଇ ଦୁର୍ଘଟଣା ଘଟାଇ ଥିଲା। ଦୁର୍ଘଟଣାରେ ବିଜୟା ବସରେ ଥିବା ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ମାତ୍ର ଶ୍ରୀରାମଜି ବସର ସମ୍ମୁଖ ଭାଗ ଏବଂ ବିଜୟା ବସର ପଛ ଭାଗ ଏହି ଦୁର୍ଘଟଣାରେ ଭାଙ୍ଗି ଚୁରମାର ହେଇଯାଇଥିଲା। ଅପରପକ୍ଷରେ ବାଲେଶ୍ୱର ସହରସ୍ଥ ବିଭିନ୍ନ ମୁଖ୍ୟ ରାସ୍ତାର ଛକ ଗୁଡିକରେ ଅଧିକ ଉଚ୍ଚତା ବିଶିଷ୍ଟ ହମ୍ପସ ନିର୍ମାଣ କରାଯାଇ ଥିବା ଯୋଗୁଁ ଦୈନନ୍ଦିନ ହମ୍ପସ ନିକଟରେ ଛୋଟଛୋଟ ଦୁର୍ଘଟଣା ଘଟୁଛି। ଛକ ଗୁଡିକ ସ୍ଥାନରେ ଦ୍ରୁତ ଗତିରେ ଆସୁଥିବା ବାଇକ ଓ ଗାଡି ଗୁଡିକର ଗତିକୁ ରୋକିବା ଉଦ୍ଦେଶ୍ୟ ନେଇ ରାସ୍ତାରେ ହମ୍ପସ ନିର୍ମାଣ କରାଯାଇ ଥାଏ। ଏହି ହମ୍ପସ ଗୁଡିକର ଚୌଡା ପାଞ୍ଚ ଇଞ୍ଚ ହେବା ସହିତ ଉଚ୍ଚତା ତିନି ଇଞ୍ଚ ହେବା କଥା। ପୁଣି ଦୁଇଟି ହମ୍ପସ ମଧ୍ୟରେ ତିନି ଫୁଟ ବ୍ୟବଧାନ ରଖାଯିବାର ନିୟମ ରହିଛି। ମାତ୍ର ବାଲେଶ୍ୱର ସହରର ଛକଛକ ସ୍ଥାନରେ ଥିବା ହମ୍ପସ ଗୁଡିକ ଦେଢରୁ ଦୁଇ ଫୁଟ ଉଚ୍ଚତା ବିଶିଷ୍ଟ ନିର୍ମାଣ କରାଯାଇଛି। ଫଳରେ ସ୍ୱାଭାବିକ ଗତିରେ ଆସୁଥିବା ବାଇକ କିମ୍ବା ଗାଡି ଗୁଡିକୁ ଏହି ଅଧିକ ଉଚ୍ଚ ହମ୍ପସ ଗୁଡିକୁ ଅତିକ୍ରମ କରୁଥିବାବେଳେ ଭାରସାମ୍ୟ ହରାଇ ଆରୋହୀ ଦୁର୍ଘଟଣାର ଶିକାର ହେଉଥିବା ଦେଖାଯାଉଛି। ଗୁରୁବାର ଦିନ ଡିଆଇସି ଛକ ଠାରେ ମଧ ଏହିଭଳି ଏକ ଅଧିକ ଉଚ୍ଚ ହମ୍ପସ ପାଇଁ ଦୁଇଟି ବସ ମଧ୍ୟରେ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣା ଘଟିଯିବା ପରେ ବାଲେଶ୍ୱର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରେ ଥିବା ହମ୍ପସକୁ ତାଡି ଖୋଲି ଉଠାଇ ଦେଇଛନ୍ତି। ତେବେ ସହର ରାସ୍ତାରେ ନିର୍ମାଣ ହେଇଥିବା ଏହି ହମ୍ପସ ଗୁଡିକ ବାବଦରେ ସ୍ଥାନୀୟ ବାସିନ୍ଦା ତଥା ସାମ୍ବାଦିକ ଜିତେନ୍ଦ୍ର ମହାନ୍ତି କହିଛନ୍ତି, ନିର୍ବାଚନ ପାଖେଇ ଆସିବାରୁ ଅତି ତରବରିଆ ଭାବେ ଅନଭିଜ୍ଞ ଶ୍ରମିକଙ୍କ ଦ୍ୱାରା ଉଚ୍ଚ ଉଚ୍ଚ ଗତି ରୋଧକ ହମ୍ପସ ନିର୍ମାଣ କରାଯାଇଛି। ଡିଆଇସି ଛକ ରାସ୍ତାରେ ହମ୍ପସର ଆବଶ୍ୟକତା ରହିଛି। ମାତ୍ର ଅଧିକ ଉଚ୍ଚ ଏବଂ ତା ଉପରେ କୌଣସି ଜେବ୍ରା ରଙ୍ଗ ମଧ ଦିଆ ଯାଇନାହିଁ ତେଣୁ ଦୁର୍ଘଟଣା ଘଟିବା ସ୍ୱାଭାବିକ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ଶଶୁରଙ୍କୁ ଅପହରଣ, ଜ୍ୱାଇଁ ଗିରଫ

ଚୌକି, ୧୬।୫(ସମିସ) : ଭୋଗରାଇ ଥାନା ଅନ୍ତର୍ଗତ ଦେଉଳା ଗ୍ରାମର ଜନୈକ ବ୍ୟକ୍ତିଙ୍କୁ ତାଙ୍କ ଜ୍ୱାଇଁ ରାସ୍ତାରୁ ଅପହରଣ କରିବା ଅଭିଯୋଗରେ ଗିରଫ ହୋଇଥିବା ଜଣାପଡ଼ିଛି। ସୁଶାନ୍ତ ଜେନାଙ୍କୁ ଅପହରଣ କରିନେଲେ ଅନଳିଆ ପଞ୍ଚାୟତର ହଡକି ଗ୍ରାମର ଜ୍ୱାଇଁ ନରେନ୍ଦ୍ର ନାୟକ। ସୂଚନାଯୋଗ୍ୟ ଗତ ସୋମବାର ଦିନ ସନ୍ଧ୍ୟା ୫ ଟା ସମୟରେ ଦେଉଳା ଗାଁର ସୁଶାନ୍ତ ଜେନା ଜଳେଶ୍ୱରରୁ ଆସୁଥିବା ସମୟରେ ବାଟଗ୍ରାମ ପୋଲ ନିକଟରେ ନିଜ ଜ୍ୱାଇଁ ହଡିକି ଗାଁ ର ନରେନ୍ଦ୍ର ନାୟକ ନିଜ ଗ୍ରାମର ଏକ ନିଛାଟିଆ ଜାଗାରେ ଲୁଚାଇରଖିଥିଲେ। ଖବର ପାଇ ସୁଶାନ୍ତ ଙ୍କ ସ୍ତ୍ରୀ ବାସନ୍ତୀ ଜେନା ଗତ ମଙ୍ଗଳବାର ଦିନ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଭୋଗରାଇ ଥାନା ପୁଲିସ ଏନେଇ ୨୨୧/୨୦୨୪ ନଂ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଆଜି ପୋଲିସ ସଦଳବଳେ ଜ୍ୱାଇଁ ନରେନ୍ଦ୍ର ନାୟକ ଅଟୋ ରେ ଆସୁଥିବା ସମୟରେ ଦାରୁହା ଛକ ନିକଟରୁ ତାଙ୍କୁ ପୁଲିସ ଗିରଫ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ନରେନ୍ଦ୍ର ଙ୍କ ବାପା ହରେକୃଷ୍ଣ ନାୟକ, ମା ସୁଭଦ୍ରା ନାୟକ ଙ୍କ ସହିତ ତାଙ୍କ ସମ୍ପର୍କୀୟ ଭାଇ ସୁକୁମାର ବେଜ ଙ୍କୁ ମଧ ପୋଲିସ ଘରୁ ଗିରଫ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି।

ସେହିପରି ଅପହୃତ ସୁଶାନ୍ତଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗିରଫ ଚାରି ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ମହେଶ୍ୱର ମାଣ୍ଡୋଇ
ଆବିର୍ଭାବ: ୨୫.୦୫.୧୯୩୭
ତିରୋଧାନ: ୦୭.୦୫.୨୦୨୪
କାଠଖୁଣ୍ଟିଆ, ବେଗୁନିଆ, ଖୋର୍ଦ୍ଧା

ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପୁତ୍ର: କୈଳାସ, ବଳରାମ, ଭରତ, ଶତ୍ରୁଘ୍ନ ଓ ଲକ୍ଷ୍ମୀଧର, ଝିଅ: ଶାନ୍ତିଲତା ଓ ଶୈଳବାଳା, ପୁତ୍ରବଧୂ, ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ

# ଆନନ୍ଦମୂର୍ତ୍ତିଜୀଙ୍କ ଜନ୍ମୋତ୍ସବ ଓ ଶିଶୁମେଳା




ବାଲେଶ୍ୱର, ୧୬।୫(ସମିସ): ଫୁଲାଡି ସ୍ଥିତ ଆନନ୍ଦମାର୍ଗ ସ୍କୁଲ ପରିସରରେ ଆନନ୍ଦମାର୍ଗର ପ୍ରତିଷ୍ଠାତା ଶ୍ରୀ ଶ୍ରୀ ଆନନ୍ଦମୂର୍ତ୍ତିଜୀଙ୍କର ଜନ୍ମୋତ୍ସବ ସହ ଏକ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଭାସ୍କରଚନ୍ଦ୍ର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ଭଗବାନ ଗୁପ୍ତା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ନୀଳମଣି ମହାବିଦ୍ୟାଳୟର ଅଧାପକ ଗୌରାଙ୍ଗଚରଣ ପଣ୍ଡା, ସାର୍ଥା ସ୍ଥିତ ଜଗମୋହନ ମହାବିଦ୍ୟାଳୟର ଅଧକ୍ଷ ମାନସ କୁମାର ମାଇତି, ଆନନ୍ଦମାର୍ଗ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ପାତ୍ର, ଆନନ୍ଦମାର୍ଗର କେନ୍ଦ୍ରୀୟ ସମ୍ପାଦକ ସନ୍ୟାସୀ ଆଚାର୍ଯ୍ୟ ଜପକୃଷ୍ଣାନନ୍ଦ ଅବଧୂତ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଏହି ଅବସରରେ ଏକ ଶିଶୁମେଳା ଅନୁଷ୍ଠିତ ହୋଇଥିଲା ଯାହାକି ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ବିଶେଷ କରି ଗଣିତ ମଜା, ଚିତ୍ରାଙ୍କନ, ଦଉଡି ଡିଆଁ, ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ, ସାଧାରଣ ଜ୍ଞାନ, ମନକଥା ବକ୍ତୃତା ଆଦି ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୩ ତାରିଖରେ ଉଦଯାପନୀ ଉତ୍ସବରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଶେଷରେ ଶିଶୁମେଳାର ଆବାହକ ରାଧାଗୋବିନ୍ଦ ଲେଙ୍କା ଧନ୍ୟବାଦ ଦେଇଥିଲେ।

# ୫୯ ବିଧାୟକ ଓ ୧୨ ସାଂସଦ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ

## ୧୦ ବିଧାୟକ ଓ ୮ ସାଂସଦ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ

## ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ଆଜି

ବାଲେଶ୍ୱର, ୧୬।୫(ସମିସ):

ସାଧାରଣ ନିର୍ବାଚନର ସପ୍ତମ ପର୍ଯ୍ୟାୟରେ ବାଲେଶ୍ୱର ଜିଲ୍ଲାରେ ହେବାକୁ ଥିବା ମତଦାନ ପାଇଁ ଗତ ୭ତାରିଖଠାରୁ ନାମାଙ୍କନ ଦାଖଲ ଆରମ୍ଭ ହୋଇ ୧୪ ତାରିଖରେ ଶେଷ ହୋଇଛି। ଏଥିରେ ଜିଲ୍ଲାର ଗୋଟିଏ ଲୋକସଭା ଆସନ (୬) ଓ ଜଳେଶ୍ୱର(୩୫), ଭୋଗରାଇ(୩୬), ବସ୍ତା(୩୭), ବାଲେଶ୍ୱର(୩୮), ରେମୁଣା(୩୯), ନୀଳଗିରି(୪୦), ସୋର(୪୧) ଏବଂ ସିମୁଳିଆ(୪୨) ଆଦି ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଥିଲା। ଏଥିରେ ମୋଟ ୨୦ଜଣ ପ୍ରାର୍ଥୀ ଲୋକସଭା ଆସନ ପାଇଁ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ୬୯ଜଣ ବିଧାୟକ ପ୍ରାର୍ଥି ନାମାଙ୍କନ ପତ୍ର ଦାଖଲ କରିଥିଲେ। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସମୟ ରହିଛି। ଏହାପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସେହି ଅନୁସାରେ ନାମାଙ୍କନ ପତ୍ର ଯାଞ୍ଚ ମଧ ସରିଛି। ଏଥିରେ ମୋଟ ୧୦ଜଣ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଥିବା ବେଳେ ୮ଜଣ ସାଂସଦ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଛି ବୋଲି ଜିଲ୍ଲା ନିର୍ବାଚନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ୫୯ ଜଣ ବିଧାୟକ ପ୍ରାର୍ଥୀ ଏବଂ ୧୨ଜଣ ସାଂସଦ ପ୍ରାର୍ଥିଙ୍କ ନାମାଙ୍କନ ପତ୍ର କାଏମ ରହିଛି। ଯାଞ୍ଚ ପରେ ବସ୍ତା, ବାଲେଶ୍ୱର ସଦର, ରେମୁଣା, ସୋର ଏବଂ ସିମୁଳିଆ ନିର୍ବାଚନ ମଣ୍ଡଳୀରୁ ମୋଟ ୧୦ଜଣ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଛି। ସେଥିମଧ୍ୟରୁ ବସ୍ତା ନିର୍ବାଚନ ମଣ୍ଡଳୀରୁ ଜଣେ ପ୍ରାର୍ଥି ଗଣେଶ ରାମଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ସେହିପରି ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରୁ ୪ଜଣ ପ୍ରାର୍ଥୀ ଚିତ୍ତରଞ୍ଜନ ଦାସ, ସାହାଜାନ ଅଲ୍ଲୀ ସାହା, ଅନିନ୍ଦ୍ୟ କୁମାର ପଣ୍ଡା ଏବଂ ସେକ ଅବଦୁଲ ତଲିବଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ରେମୁଣା ନିର୍ବାଚନ ମଣ୍ଡଳୀରୁ ଦୁଇ ଜଣ ପ୍ରାର୍ଥୀ ସନ୍ତୋଷ କୁମାର ସେଠୀ ଏବଂ ଗଙ୍ଗାଧର ଦାସଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ସୋର ନିର୍ବାଚନ ମଣ୍ଡଳୀରୁ ରାଜେନ୍ଦ୍ର କୁମାର ଦାସଙ୍କ ନାମାଙ୍କନ ପତ୍ର ନାକଚ ହୋଇଛି। ସିମୁଳିଆ ନିର୍ବାଚନ ମଣ୍ଡଳୀରୁ ଦୁଇଜଣ ପ୍ରାର୍ଥୀ ଗୀତରଞ୍ଜନ ବେହେରା ଏବଂ ପ୍ରଶାନ୍ତ ଚନ୍ଦ୍ର ପଣ୍ଡାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଛି। ଅବଶିଷ୍ଟ ଜଳେଶ୍ୱର, ଭୋଗରାଇ ଏବଂ ନୀଳଗିରି ନିର୍ବାଚନ ମଣ୍ଡଳୀର ସମସ୍ତ ପ୍ରାର୍ଥିଙ୍କ ପ୍ରାର୍ଥିପତ୍ର କାଏମ ରହିଛି।

ପ୍ରାର୍ଥିପତ୍ର କାଏମ ରହିଥିବା ସାଂସଦ ପ୍ରାର୍ଥୀ: ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରଜତ କୁମାର ବେହେରା, ଶ୍ରୀକାନ୍ତ ଜେନା, ଲେଖାଶ୍ରୀ ସାମନ୍ତସିଂହାର, ଗୋବିନ୍ଦଚନ୍ଦ୍ର ଭୋଇ, ବୀରେନ ପୁହାଣ, ଅକ୍ଷୟ କୁମାର ମହାନ୍ତି, ଚିତ୍ତରଞ୍ଜନ ଷଡଙ୍ଗୀ, ଦୀପକଶଙ୍କର ଠାକୁର ଗିରି, ପ୍ରମୋଦ କୁମାର ପଟ୍ଟାୟତ, ମହାମେଘବାହାନ ଐøର ଖାରବେଳ ସ୍ୱାଇଁ ଏବଂ ସୂର୍ଯ୍ୟକାନ୍ତ ଦାସମହାପାତ୍ର।

ପ୍ରାର୍ଥିପତ୍ର କାଏମ ରହିଥିବା ବିଧାନସଭା ପ୍ରାର୍ଥୀ: ଜଳେଶ୍ୱର ନିର୍ବାଚନ ମଣ୍ଡଳୀରୁ ଅଶ୍ୱିନୀ କୁମାର ପାତ୍ର, ବ୍ରଜମୋହନ ପ୍ରଧାନ, ସୁଦର୍ଶନ ଦାସ, ପ୍ରଦୀପ କୁମାର ସିଂ, ହେମନ୍ତ କୁମାର ସାହୁ, ଦିବ୍ୟକାମ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସିଂ ଓ ରମାକାନ୍ତ ଜେନା। ଭୋଗରାଇ ନିର୍ବାଚନ ମଣ୍ଡଳୀରୁ ଆଶିଷ ପାତ୍ର, ଗୌତମବୁଦ୍ଧ ଦାସ, ସତ୍ୟଶିବ ଦାସ, ଭଗବାନ ବେହେରା ଓ ଅସୀତ କୁମାର ଚାନ୍ଦ। ବସ୍ତା ନିର୍ବାଚନ ମଣ୍ଡଳୀରୁ ବିଜନ ନାୟକ, ରବୀନ୍ଦ୍ରନାଥ ଅଣ୍ଡିଆ, ସୁବାସିନୀ ଜେନା, ଜ୍ୟୋସ୍ନା ମହାନ୍ତି, ନାରାୟଣ ମାଝୀ, ସ୍ୱାଧୀନ କୁମାର ଦାସ, କାମିନିକାନ୍ତ ବେହେରା, ଜୟକୃଷ୍ଣ ରାଉତ ଓ ଝରଣାରାଣୀ ଜେନା। ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରୁ ମାନସ କୁମାର ଦତ୍ତ, ମୋନାଲିସା ସାମଲ, ସ୍ୱରୂପ କୁମାର ଦାସ, ସନ୍ତୋଷ କୁମାର ମହାପାତ୍ର, ପର୍ଶୁରାମ ଲେଙ୍କା, ଗୋପାଳ ଖଣ୍ଡେଲୱାଲ ଓ ବିକ୍ରମ କେଶରୀ ପଣ୍ଡା। ରେମୁଣା ନିର୍ବାଚନ ମଣ୍ଡଳୀରୁ ଗୋବିନ୍ଦଚନ୍ଦ୍ର ଦାସ, ବିଦ୍ୟାସ୍ମିତା ମହାଲିକ, ସୁଦର୍ଶନ ଜେନା, ଇଶ୍ୱର ମଲ୍ଲିକ, ଚନ୍ଦନ ମଲ୍ଲିକ, ବିଜୟ କୁମାର ସେଠୀ ଓ ସୁଧାଂଶୁ ଶେଖର ପରିଡ଼ା। ନୀଳଗିରି ନିର୍ବାଚନ ମଣ୍ଡଳୀରୁ ଅକ୍ଷୟ କୁମାର ଆଚାର୍ଯ୍ୟ, ଯୋଗାନାନନ୍ଦ ଦାସ, ସନ୍ତୋଷ ଖଟୁଆ, ସୁକାନ୍ତ କୁମାର ନାୟକ, ଅଜୟ କୁମାର ପଟ୍ଟନାୟକ, ଅରୁଣ କୁମାର ବାରିକ ଓ ଗଙ୍ଗାଧର ନାୟକ। ସୋର ନିର୍ବାଚନ ମଣ୍ଡଳୀରୁ ଜିତେନ୍ଦ୍ର ସେଠୀ, ପର୍ଶୁରାମ ଧଡା, ମାଧବ ଧଡା, ସୁବ୍ରତ ଧଡା, ଅକ୍ଷୟ କୁମାର ଜେନା, କାଶିନାଥ ଦାସ, ରାକେଶ କୁମାର ମଲ୍ଲିକ ଓ ଶିବାନୀ ଶଙ୍କର ରାଏ। ସିମୁଳିଆ ନିର୍ବାଚନ ମଣ୍ଡଳୀରୁ ପଦ୍ମଲୋଚନ ପଣ୍ଡା, ପୃଥ୍ୱୀରାଜ ଦାସ, ସୁବାସିନୀ ସାହୁ, ହିମାଂଶୁ ଶେଖର ବେହେରା, ରଞ୍ଜନ କୁମାର ସାମଲ, ପ୍ରଜ୍ଞାପରମିତା ବେହେରା ଓ ସବିତାରାଣୀ ପାକଳ।

# ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୧୬।୫(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଅଧିନରେ ପରିଚାଳିତ ଅଖିଳ ଭାରତୀୟ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା (ଦଶମ ଶ୍ରେଣୀ) ଓ ଅଖିଳ ଭାରତୀୟ ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ (ଦ୍ୱାଦଶ ଶ୍ରେଣୀ) ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ବାଲେଶ୍ୱରର ମଡର୍ଣ୍ଣ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ମହାନ୍ତି ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଛାତ୍ରଛାତ୍ରୀଙ୍କ କଠୋର ପରିଶ୍ରମ ସାଙ୍ଗକୁ ଅନୁଷ୍ଠାନର ଦକ୍ଷ ଶିକ୍ଷକଙ୍କ ମୂଲ୍ୟବୋଧ ଭିତିକ ଶିକ୍ଷାଦାନ ଆଜି ମଡର୍ଣ୍ଣ ପବ୍ଲିକ ସ୍କୁଲକୁ ଗୌରବାନ୍ୱିତ କରିପାରିଛି ବୋଲି କହିଥିଲେ। ବିଦ୍ୟାଳୟର ଅନ୍ୟତମ ଉପାଧ୍ୟକ୍ଷ ରଞ୍ଜନ କୁମାର ନାୟକ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ୯୨ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ (ଦ୍ୱାଦଶ ଶ୍ରେଣୀ) ପରୀକ୍ଷାରେ ମଡର୍ଣ୍ଣ ପବ୍ଲିକ ସ୍କୁଲର ଛାତ୍ରୀ ଆଦ୍ୟାଶା ମିଶ୍ର ୯୬.୬୦ ପ୍ରତିଶତ ମାର୍କ ରଖି ସମଗ୍ର ଜିଲ୍ଲାରେ ସବିଏସଇ ଅନୁବନ୍ଧିତ ବିଦ୍ୟାଳୟ ମଧ୍ୟରେ ଟପର ହୋଇଛନ୍ତି। ସେହିପରି ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପ୍ରିୟାଂଶୁ ମିଶ୍ର ୯୮.୯୦ପ୍ରତିଶତ ମାର୍କ ରଖି ସମଗ୍ର ଜିଲ୍ଲାରେ ଦ୍ୱିତୀୟ ଟପର ହୋଇଛନ୍ତି। ଚଳିତ ବର୍ଷ ମଡର୍ଣ୍ଣ ପବ୍ଲିକ ସ୍କୁଲର ୩୦ଜଣ ଛାତ୍ରଛାତ୍ରୀ ଉଚ୍ଚ ମାଧ୍ୟମିକ ସାର୍ଟିଫିକେଟ (ଦ୍ୱାଦଶ ଶ୍ରେଣୀ) ପରୀକ୍ଷା ଦେଇ ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି। ସେହିପରି ମାଧ୍ୟମିକ ବିଦ୍ୟାଳୟ (ଦଶମ ଶ୍ରେଣୀ) ପରୀକ୍ଷା ଦେଇଥିବା ବିଦ୍ୟାଳୟର ମୋଟ୨୨୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରିୟବ୍ରତ ହାତି, ଅଜେଶ କିରନ ଦାସ, ମନୋଜ କୁମାର ପରିଡ଼ା, ରତିକାନ୍ତ ଗିରି ପ୍ରମୁଖ ଶିକ୍ଷକମାନେ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।





ବିଜେପି ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଘୋଡ଼ା ଚଢ଼ି ପ୍ରାର୍ଥିପତ୍ର ଦାଖଲ କରିବାକୁ ଆସି ଜୀବ ନିଷ୍ଠୁରତା ପ୍ରତିରୋଧ ଆଇନ ଉଲ୍ଲଙ୍ଘନ ନେଇ ବାଲେଶ୍ୱର ଜିଲ୍ଲା ବରିଷ୍ଠ ଉପସଭାପତି ବରଦା ପ୍ରସନ୍ନ ପଟ୍ଟନାୟକ ସହଦେବଖୁଣ୍ଟା ଆଦର୍ଶ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



ବାଲେଶ୍ୱର, ୧୬।୫(ସମିସ): ପୌରପରିଷଦ ୨୮ନଂ ୱାର୍ଡରେ ଅନୁଷ୍ଠିତ ହୋଇଥିଲା ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ସହ ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଗୋପାଳ ଗାଁର ଘରକୁ ଘର ବୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣ ଯୋଜନା ଏବଂ ମହିଳା ମାନଙ୍କ ପାଇଁ ବିଭିନ୍ନ ଯୋଜନା ବିଷୟରେ ସଚେତନତା କରାଇବା ସହ ଆସନ୍ତା ଜୁନ ୧ ତାରିଖରେ ଉଭୟ ସାଂସଦ ଏବଂ ବିଧାୟକ ପ୍ରାର୍ଥିଙ୍କୁ ଶଙ୍ଖ ଚିହ୍ନରେ ଆଶୀର୍ବାଦ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ତଥା ଆମ ଓଡ଼ିଶା ନବୀନ ଓଡ଼ିଶା ବାଲେଶ୍ୱର ଜିଲ୍ଲା ସଂଯୋଜକ ରଞ୍ଜନ ବାଗ, ଟାଉନ ମହିଳା ସଭାପତି ତଥା କାଉସିଲର ମୀନା ମହାନ୍ତି, କାଉନସିଲର ସଂଧ୍ୟାରାଣୀ ଜେନା, ଟାଉନ ସଭାପତି ସନତ ଦାସ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ, ନାରୀ ନେତ୍ରୀ ରାଜଲକ୍ଷ୍ମୀ ଚାର୍ଟାଜୀ, ଅନୁପ ଚାଟାଜୀ, କୌଶିକ ପଣ୍ଡା, ଜୟଶ୍ରୀ ରଥ, କବିତା ବେରା, ରଞ୍ଜନ ଭୋଇ ପ୍ରମୁଖ ସାମିଲ ହୋଇ ବିଜୁ ଜନତା ଦଳ ପାଇଁ ପ୍ରଚାର କରିଥିଲେ।

## ସାଧାରଣ ଓ ପୁଲିସ ପର୍ଯ୍ୟବେକ୍ଷକଙ୍କ ବାଲେଶ୍ୱର ଗସ୍ତ ଓ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

# ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱାରୋପ

ବାଲେଶ୍ୱର, ୧୬।୫(ସମିସ):



ବାଲେଶ୍ୱର ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନର ସୁପରିଚାଳନା ପ୍ରସ୍ତୁତି ଓ ପଦକ୍ଷେପର ତଦାରଖ ପାଇଁ ଆଜି ସାଧାରଣ ଓ ପୁଲିସ ପର୍ଯ୍ୟବେକ୍ଷକଗଣ ଜିଲ୍ଲା ପ୍ରଶାସନ ସହିତ ଏକ ସମୀକ୍ଷା ବୈଠକ କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବାଲେଶ୍ୱର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଜି.ପ୍ରକାଶ (୩୫-ଜଳେଶ୍ୱର, ୩୬-ଭୋଗରାଇ ଓ ୩୭-ବସ୍ତା ବିଧାନସଭା ନିର୍ବାଚନମଣ୍ଡଳୀ), ଅରୁଣ ସେଖରୀ (୩୮-ବାଲେଶ୍ୱର, ୩୯-ରେମୁଣା ଓ ୪୦- ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ) ଓ ପୁଲିସ ପର୍ଯ୍ୟବେକ୍ଷକ ଏ ଜି ଚୌହ୍ୱାନ (ବାଲେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ) ଓ ଅଶୋକ କୁମାର (ଭଦ୍ରକ ଲୋକସଭା ନିର୍ବାଚନମଣ୍ଡଳୀ) ସାମୁହିକ ଭାବେ ଅଧକ୍ଷତା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶିଷ ଠାକରେ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନା କରିଥିଲେ ଏବଂ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ସମସ୍ତ ତଥ୍ୟର ପ୍ରାସଙ୍ଗିକତା ବିଷୟରେ ଆଲୋଚନା କରିଥିଲେ। ଏହି ବୈଠକରେ ଉପସ୍ଥିତ ଆରକ୍ଷୀ ମହାନିରୀକ୍ଷକ, ପୂର୍ବାଞ୍ଚଳ ଡ.ଦୀପକ କୁମାର ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ନିର୍ବାଚନୀ ସୁରକ୍ଷା ବ୍ୟବସ୍ଥା ସମ୍ବଳିତ ସମସ୍ତ ତଥ୍ୟ ଉପସ୍ଥାନା କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକଗଣ ମତଦାନ ନିମନ୍ତେ ଭୋଟରଙ୍କ ସୁବିଧା, ବୁଥ ଗୁଡ଼ିକର ସ୍ଥାନ ଓ ସ୍ଥିତି, ଇଭିଏମ ପ୍ରସ୍ତୁତି, ପୋଲିଂ ଅଧିକାରୀ, ସେକ୍ଟର ଅଧିକାରୀ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ, ସି ଭିଜିଲ ରିପୋର୍ଟ, ପୋଷ୍ଟଲ ବାଲାଟ, ହୋମ ଭୋଟିଂ, ସମ୍ବେଦନଶୀଳ ବୁଥ, ପୁଲିସ ମୁତୟନ, ଆବଶ୍ୟକ ପୁଲିସ ଫୋର୍ସ, ଫ୍ଲାଇଂ ସ୍କ୍ୱାର୍ଡ, ଏସଏସଟି, ପୁଲିସ ଟିମ ଓ ଅବକାରୀ ବିଭାଗ ଦ୍ୱାରା ବେଆଇନ ନିଶାଦ୍ରବ୍ୟ, ଟଙ୍କା ଜବତ ଉପରେ ସମୀକ୍ଷା କରିଥିଲେ। ବାଲେଶ୍ୱର ଜିଲ୍ଲାର ନିର୍ବାଚନ ପରିଚାଳନା ପ୍ରସ୍ତୁତିରେ ସନ୍ତୋଷ ବ୍ୟକ୍ତ କରିବା ସହ ଜୁନ ୧ତାରିଖରେ ହେବାକୁ ଥିବା ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ସମ୍ପୂର୍ଣ୍ଣ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମାନ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସମସ୍ତ ପର୍ଯ୍ୟବେକ୍ଷକ ଜିଲ୍ଲାରେ ଚାଲୁଥିବା ଭୋଟର ସଚେତନତା କାର୍ଯ୍ୟକ୍ରମ ମଧ୍ୟରେ ନୂତନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ସବୁ ଦେଖି ଜିଲ୍ଲା ପ୍ରଶାସନକୁ ପ୍ରଶଂସା କରିଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ୩୮ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ଣ୍ଣିଂ ଅଧିକାରୀ ସୁଧାକର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ତଥା ଜିଲ୍ଲା ନିର୍ବାଚନ ଖର୍ଚ୍ଚ ମନିଟରିଂ ସେଲ ନୋଡାଲ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ତଥା ୪୧ସୋର ଓ ୪୨ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ଣ୍ଣିଙ୍ଗ ଅଧିକାରୀ ନିରଞ୍ଜନ ବେହେରା, ବାଲେଶ୍ୱର ଉପଜିଲ୍ଲାପାଳ ତଥା ୩୭ ବସ୍ତା ଓ ୩୯ରେମୁଣା ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ଣ୍ଣିଂ ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନୀଳଗିରି ଉପଜିଲ୍ଲାପାଳ ତଥା ୪୦ ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ ମନ୍ଦରଧର ମହାଲିକ, ଅତିରିକ୍ତ ଉପଜିଲ୍ଲାପାଳ ତଥା ୩୫-ଜଳେଶ୍ୱର ଓ ୩୬-ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ଣ୍ଣିଂ ଅଧିକାରୀ ଶୁଭଶ୍ରୀ ରଥ ଓ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପୁସ୍ତକ ପ୍ରଦାନ



ବାଲେଶ୍ୱର, ୧୬।୫(ସମିସ): ଦିବ୍ୟଦର୍ଶନ ସଂଘ ପରିବାର ତରଫରୁ ସଦଗୁରୁ ଶ୍ରୀ ଅର୍ଜୁନଙ୍କ ଦ୍ୱାରା ଲିଖିତ ଓ ପ୍ରକାଶିତ ପୁସ୍ତକ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସ୍ଥିତ ଦିବ୍ୟଦର୍ଶନ ଆଶ୍ରମ ଶାଖାରୁ ବଂଶୀଧର ମହାରଣା ଓ ତାଙ୍କର ସହଧର୍ମିଣୀ ଟୁନି ମହାରଣା, ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଭେଟି ସଦଗୁରୁ ଶ୍ରୀ ଅର୍ଜୁନଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକମାନ ଯଥା 'ଅମୃତ ଧାରା', 'ଦିବ୍ୟଦର୍ଶନ', 'ଇଗ୍ନୋରାନ୍ସ ସିନ୍ସ ଆଣ୍ଡ ସଫରିଙ୍ଗସ', 'ଟ୍ରୁଥ ନଲେଜ ଆଣ୍ଡ ବ୍ଲିସ୍', 'ଅମୃତ ବିନ୍ଦୁ' ଆଦି ପୁସ୍ତକ ପ୍ରଦାନ କରିଥିଲେ। ଏହାକୁ ବିଶ୍ୱବିଦ୍ୟାଳୟର ମୁଖ୍ୟ ପାଠାଗାରରେ ସ୍ଥାନ ଦେବାକୁ ଅନୁରୋଧ କରି ଶ୍ରୀ ମହାରଣା ସମ୍ମାନନୀୟ କୁଳପତି ପ୍ରଫେସର ତ୍ରିପାଠୀଙ୍କୁ ପୁସ୍ତକ ଗ୍ରହଣ ନିମନ୍ତେ ଧନ୍ୟବାଦ ଜ୍ଞାପନ କରିଥିଲେ।

### ୩୩ ନଂ ଜୋନରେ ବିଜେଡି ପ୍ରାର୍ଥୀ ଗୌତମବୁଦ୍ଧ ଦାସଙ୍କ ବିଶାଳ ରୋଡ ଶୋ'

# ସାମିଲ ହେଲେ ଓଲିଉଡ୍ ତାରକା ବାବୁସାନ୍ ଓ ଏଲିନା





ଭୋଗରାଇ/ଚନ୍ଦନେଶ୍ୱର/ଚୌକି, ୧୬।୫ (ସମିସ) :

ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସଙ୍କ ବିଶାଳ 'ରୋଡ ଶୋ' ଅନୁଷ୍ଠିତ ହୋଇଯାଇଛି। ୩୩ ନଂ. ଜିଲ୍ଲା ପରିଷଦ ଜୋନ ଅନ୍ତର୍ଗତ ଜଳେଶ୍ୱରପୁର ଚଟାଣ ଛକଠାରୁ ଶତାଧିକ ସୁସଜ୍ଜିତ ବାଇକ ଶୋଭାଯାତ୍ରା ସହିତ ଏହି 'ରୋଡ ଶୋ' ଭୋଗରାଇ ହାଟ- ମାନକୁଣ୍ଡା ମୁଖ୍ୟ ରାସ୍ତାରେ ବ୍ଲକ ଛକ, ହସ୍ପିଟାଲ ଛକ, କଲେଜ ଛକ, ଥାନାଛକ, ଦେଉଳା ହାଟ ହୋଇ ମାନକୁଣ୍ଡା ହାଟ ଠାରେ ପହଞ୍ଚିଥିଲା। ଏହି 'ରୋଡ ଶୋ'ରେ ସାମିଲ ହୋଇଥିବା ଚର୍ଚ୍ଚିତ ଓଲିଉଡ୍ ତାରକା ବାବୁସାନ୍ ମହାନ୍ତି ଓ ଏଲିନା ସାମନ୍ତରାୟଙ୍କୁ ଦେଖିବା ସହ ସେମାନଙ୍କ ସହିତ ହାତ ମିଳାଇବା ପାଇଁ ହଜାର ହଜାର ଯୁବଗୋଷ୍ଠୀ ରାସ୍ତାର ଦୁଇ ପାର୍ଶ୍ୱରେ ଭିଡ ଜମାଇଥିଲେ। ସେହିପରି ଅପରାହ୍ନରେ ବାରବାଟିଆ ପଞ୍ଚାୟତରେ 'ରୋଡ ସୋ' ସହିତ ବାସନ୍ତୀ ପଡ଼ିଆ ଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି।

ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣଙ୍କ ନେତୃତ୍ୱରେ ବିଧାୟକ ପ୍ରାର୍ଥୀ ଗୌତମବୁଦ୍ଧ ଦାସ, ଓଲିଉଡ ତାରକା ବାବୁସାନ୍ ଓ ଏଲିନା ଏକ ଖୋଲା ଗାଡ଼ିରେ ଛିଡ଼ା ହୋଇ ଏହି 'ରୋଡ ସୋ'ରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ଗଣପତି ଗିରି, ଉପ ସଭାପତି ତଥା ପୂର୍ବତନ ନାରାୟଣ ମହାନ୍ତି ପଡ଼ିଆ ସରପଞ୍ଚ ପ୍ରଦୀପ ବେହେରା, ଜିଲ୍ଲା ଉପ ସଭାପତି ତଥା ପୂର୍ବତନ ହୁଗୁଳି ସରପଞ୍ଚ ତପନ କୁମାର ପଣ୍ଡା, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତଥା ବିଧାନସଭା ବିଜୁ ଯୁବ ଜନତା ଦଳ ସଭାପତି ଦୀପକ କୁମାର ଦାସ, ଜଳେଶ୍ୱରପୁର ସରପଞ୍ଚ ବିରୁପାକ୍ଷ ଜେନା, ପଞ୍ଚାୟତ ସମିତି ସଦସ୍ୟାଙ୍କ ପ୍ରତିନିଧି ନଳିନୀକାନ୍ତ ସେଠୀ, ଦେହୁର୍ଦ୍ଦା ସରପଞ୍ଚ ସରସ୍ୱତୀ କରଣ, ପଞ୍ଚାୟତ ସମିତି ସଦସ୍ୟାଙ୍କ ପ୍ରତିନିଧି ସୁବଳ କୁମାର ଜେନା, ଦେଉଳା ସରପଞ୍ଚ ଚୈତନ୍ୟ ବେହେରା, ପଞ୍ଚାୟତ ସମିତି ସଦସ୍ୟ ଗୌତମ କୁମାର ଗିରି, ବରିଷ୍ଠ ନେତା ଶକ୍ତିପଦ ଦାସ ମହାପାତ୍ର, ଅଚିନ୍ତ୍ୟ କୁମାର ସାହୁ, ପୂର୍ବତନ ଅନଳିଆ ପଞ୍ଚାୟତ ସମିତି ସଦସ୍ୟା ନମିତା ପାଳ ଓ ପୂର୍ଣ୍ଣଚନ୍ଦ୍ର ପାଳ, ଅନଳିଆ ପଞ୍ଚାୟତ ସମିତି ସଦସ୍ୟାଙ୍କ ପ୍ରତିନିଧି ଘନଶ୍ୟାମ ପାଢ଼ୀ, ତପନ ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ହରେନ୍ଦ୍ର ନାଥ ଦାସ ପ୍ରମୁଖ ଏହି ବିଶାଳ ବାଇକ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସେହିପରି ଅପରାହ୍ନରେ ବାରବାଟିଆ ପଞ୍ଚାୟତରେ ଅନୁଷ୍ଠିତ 'ରୋଡ ସୋ' ଏବଂ ବାସନ୍ତୀ ପଡ଼ିଆ ଠାରେ ଅନୁଷ୍ଠିତ ସଭାରେ ବ୍ଲକ ସଭାପତି ରମାକାନ୍ତ କରଣଙ୍କ ସମେତ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଓଲିଉଡ ତାରକା ବାବୁସାନ୍ ଓ ଏଲିନା, ପଞ୍ଚାୟତର ସମସ୍ତ ନେତୃବୃନ୍ଦ ଯୋଗଦେଇ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ଓ ନିର୍ବାଚନ ଗ୍ୟାରେଣ୍ଟି ସମ୍ପର୍କରେ ଆଲୋଚନା କରିବା ସହିତ ଚଳିତ ନିର୍ବାଚନରେ ଶଙ୍ଖରେ ଭୋଟ ଦେବା ପାଇଁ ଆହ୍ୱାନ ଦେଇଥିଲେ। ଏଥିରେ ସମଗ୍ର ପଞ୍ଚାୟତର ହଜାର ହଜାର ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣାରେ କନିଷ୍ଠଯନ୍ତ୍ରୀ ଗୁରୁତର



ଚୌକି, ୧୬।୫(ସମିସ): ଭୋଗରାଇ ବ୍ଲକର କନିଷ୍ଠ ଯନ୍ତ୍ରୀ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଆଜି କନିଷ୍ଠ ଯନ୍ତ୍ରୀ ଶାରଦାକୃଷ୍ଣ ମହାନ୍ତି ସକାଳେ ଗୁନାଇବସାଣ ପଞ୍ଚାୟତକୁ କୌଣସି କାର୍ଯ୍ୟ ପାଇଁ ଯାଇଥିଲେ। ରାସ୍ତାରେ ଆସିବା ସମୟରେ ନାଇଁଦୋଳି ଗ୍ରାମରେ ମଧ୍ୟରେ ଏକ କୁକୁର ଆସି ବାଇକ୍ ଆଗକୁ ଆସିବା ଫଳରେ ସେ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଆଣି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ। ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବାର ସୂଚନା ମିଳିଛି।

## କଂଗ୍ରେସର ମାରାଥନ ନିର୍ବାଚନୀ ପ୍ରଚାର



ନୀଳଗିରି, ୧୬।୫(ସମିସ): ଆଜି କଂଗ୍ରେସ ପକ୍ଷରୁ ନୀଳଗିରି ବିଧାୟକ ପ୍ରାଥୀ ଅକ୍ଷୟ କୁମାର ଆଚାର୍ଯ୍ୟ ବେଗୁନିଆ ଓ ନରସିଂହପୁର ପଞ୍ଚାୟତର ଘରେ ଘରେ ବୁଲି ନିର୍ବାଚନୀ ପ୍ରଚାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭୋଟ ବ୍ୟାଙ୍କ ବଢ଼ାଇବା ପାଇଁ ସାଂସଦ ଶ୍ରୀକାନ୍ତ ଜେନା, ଏବଂ ନୀଳଗିରି ର ବିଧାୟକ ଭାବେ ଅକ୍ଷୟ ଆଚାର୍ଯ୍ୟ ଥିବା ବେଳେ ସମସ୍ତ ଉନ୍ନତି ମୂଳକ କାର୍ଯ୍ୟର ବାର୍ତ୍ତା ସବୁ ଭୋଟର ମାନସ ପଟରେ ମନେ ପକାଇବା ସହିତ ଚଳିତ ନିର୍ବାଚନୀ ଇସ୍ତାହାର ରେ କଂଗ୍ରେସ ଗେରେଣ୍ଟି କାର୍ଡର ପୁସ୍ତିକା ବାଣ୍ଟି ଥିଲେ। ଅନ୍ୟ ନେତୃମଣ୍ଡଳୀ ମାନଙ୍କ ମଧ୍ୟରେ ୧୩ନମ୍ବର ଜୋନ ସଭାପତି ପ୍ରଫୁଲ୍ଲ ରାଉଳ, ଉପସଭାପତି ଭାଗିରଥି ବେହେରା, ଶଶୀ ସିଂ, ନରସିଂହପୁର ପଞ୍ଚାୟତ ସଭାପତି ସନାତନ ଜେନା, ଜ୍ଞାନ ରଞ୍ଜନ ପାତ୍ର, ହେମନ୍ତ ନାୟକ, ବେଗୁନିଆ ର ପିକୁନ ଭାଗିରଥି ବେହେରା ପ୍ରମୁଖ ବହୁ ଦଳୀୟ କର୍ମୀ ଓ ଦଳୀୟ ଭୋଟର ପ୍ରଚାରରେ ସାମିଲ ଥିଲେ।

## ସିପିଆଇ(ଏମ୍) ବୈଠକ ଓ ନିର୍ବାଚନୀ ସଭା

ନୀଳଗିରି, ୧୬।୫(ସମିସ): ବାମପନ୍ଥୀ ଦଳର ନୀଳଗିରି ଶାଖା ପକ୍ଷରୁ ଏକ ନିର୍ବାଚନୀ ବୈଠକ ଓ ମିଶ୍ରଣ ପର୍ବ ମାଟିଆଳି ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋବିନ୍ଦ ସିଂ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ ପାତ୍ର ଉପସ୍ଥିତ ଥାଇ ନିଜର ଅଭିଭାଷଣ ରେ ଆଜିର ସମୟରେ ଯେଉଁ ପରିସ୍ଥିତି ଉପୁଜିଛି ସେଥିରେ ଦଳର ଶକ୍ତି ବୃଦ୍ଧି ନହେଲେ ସାଧାରଣ ଜନତାଙ୍କର ଶକ୍ତି ବୃଦ୍ଧି ହେବନାହିଁ ଏବଂ ଦେଶର ସୁରକ୍ଷା ପାଇଁ ସିପିଆଇ(ଏମ) ଦଳର ପ୍ରାର୍ଥୀ ଙ୍କୁ ବହୁମତରେ ଜିତାଇବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ବିଧାୟକ ପ୍ରାର୍ଥୀ ଯୋଗାନନ୍ଦ ଦାଶ ଏବଂ ସହପାଠୀ ସତ୍ୟଜିତ ଦାସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭୋଟ ଭିକ୍ଷା କରିଥିଲେ। ଏଥି ସହିତ ପୂର୍ବରୁ ଦଳରୁ ଦୂରେଇ ଯାଇଥିବା କର୍ମୀ ପୂର୍ଣ୍ଣଚନ୍ଦ୍ର ସିଂ, ବିଦ୍ୟୁତ କୁମାର ଟୁଡୁ, ସନାତନ ସିଂ ଙ୍କ ସମେତ ବହୁ ପୁରୁଣା କର୍ମୀ ଆଜି ଘର ବାହୁଡା ହୋଇଥିଲେ।



## ମୌଳିକ ସୁବିଧାରୁ ବଞ୍ଚିତ ୧୫୦ରୁ ଅଧିକ ପରିବାର



ସୋର, ୧୬।୫(ସମିସ): ସୋର ବ୍ଲକ ଆନନ୍ତପୁର ପଞ୍ଚାୟତର ୩ ନମ୍ବର ଏବଂ ୪ ନମ୍ବର ୱାର୍ଡ ବଳଭଦ୍ରପୁର ସରକାରୀ ପୋଖରୀଠାରୁ ହରିପୁର ସରକାରୀ ବିଦ୍ୟାଳୟ ପର୍ଯ୍ୟନ୍ତ ପାଖାପାଖି ତିନି କିଲୋମିଟର ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏଠାରେ ଆଜିବି ରୋଗୀଙ୍କୁ ଖଟିଆରେ ନେଇ ଚିକିତ୍ସାଳୟ ପହଞ୍ଚା ଯାଉଛି। କୁନିକୁନି ପିଲାମାନେ ଅଙ୍ଗନବାଡି ଏବଂ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯିବା ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଇବା ପାଇଁ ପାଣିର ସୁବିଧା ନାହିଁ। ଗ୍ରାମରେ ସରକାରୀ ଯୋଜନାରେ ଲୋକମାନେ ମୌଳିକ ସୁବିଧା ପାଇବାରେ ବଞ୍ଚିତ ହେଉଛନ୍ତି। ଏହି ଅଞ୍ଚଳରେ ପାଖାପାଖି ୧୫୦ ରୁ ଉର୍ଦ୍ଧ ପରିବାରର ୫୦୦ ଗ୍ରାମବାସୀ ବସବାସ କରୁଛନ୍ତି। ଏ ବାବଦରେ ଗ୍ରାମବାସୀ ମାନେ ସୋର ବିଡ଼ିଓଙ୍କ ସମେତ ବିଧାୟକ ଏବଂ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରି ବିଫଳ ହେବାପରେ ଆଜି ମଧ୍ୟାହ୍ନରେ ଗ୍ରାମରେ ଏକତ୍ର ହୋଇଥିଲେ। ପ୍ରତ୍ୟେକ ପରିବାରର ସଦସ୍ୟ ମାନେ ଏକ ପତ୍ର ରେ ଦସ୍ତଖତ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନିଜର ମୌଳିକ ସୁବିଧା ପାଇଁ ଲିଖିତ ଗୁହାରି ଜଣାଇବା ସହିତ ସ୍ଲୋଗାନ ଦେଇ ଅଞ୍ଚଳ ପରିକ୍ରମା କରିଥିଲେ। ଶେଷରେ ସମସ୍ତ ପରିବାର ଗୋଟିଏ ସ୍ଥାନରେ ରୋଷେଇ କରି ଭୋଜିଭାତ କରିବା ସହିତ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ପ୍ରତିଜ୍ଞା କରିଥିଲେ। ସମସ୍ତ ପ୍ରକାର ମୌଳିକ ସୁଚିଧା ତଥା ଝିଅ ବିବାହ ପାଇଁ ଅସୁବିଧା, ଗର୍ଭବତୀ କିମ୍ବା ରୋଗୀଙ୍କୁ ହସ୍ପିଟାଲ ନେବାରେ ଅସୁବିଧା, ଅଗ୍ନିଶମ ଗାଡି ଆସିବାରେ ଅସୁବିଧା, ଅଙ୍ଗନବାଡ଼ି, ସ୍କୁଲ, କଲେଜ ଆଦିକୁ ଛାତ୍ରଛାତ୍ରୀ ମାନେ ଯାତାୟାତ ରେ ଆସୁବିଧା, ପିଇବା ପାଣିର ଆସୁବିଧା, ଆବାସ ଯୋଜନାରୁ ବଞ୍ଚିତ ଏବଂ ପାଇଖାନା ପାଇବାରୁ ବଞ୍ଚିତ ହୋଇଥିବା ଏହି ଗ୍ରାମବାସୀ ମାନେ ରାଜ୍ୟପାଳଙ୍କ ନିକଟରେ ନ୍ୟାୟ ପାଇଁ ଗୁହାରି କରିଛନ୍ତି।

## ମାନବିକତାର ପରିଚୟ ଦେଖାଇଲା ମହାବୀର ଫାଉଣ୍ଡେସନ ଟ୍ରଷ୍ଟ



ନୀଳଗିରି, ୧୬।୫(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି କପ୍ତିପଦା ୧୯ନମ୍ବର ରାଜ୍ୟ ରାଜପଥ ଭାଲୁକାଶୁଣି ରାସ୍ତା ପାର୍ଶ୍ୱରେ ଜଣେ ବ୍ୟକ୍ତି ଆହତ ହୋଇ ପଡ଼ିଥିବାର ଦେଖି ତୁରନ୍ତ ମହାବୀର ଫାଉଣ୍ଡେସନ ଟ୍ରଷ୍ଟର ପ୍ରତିଷ୍ଠାତା ବିଦ୍ୟାଧର ବାରିକ ନିଜେ ଏକ ବ୍ୟକ୍ତିଗତ ଗାଡି ଭଡା କରି ଆହତ ବ୍ୟକ୍ତିଙ୍କୁ ନୀଳଗିରି ମେଡିକାଲ କୁ ଆଣି ଚିକିତ୍ସା କରାଇବା ସହିତ ଫୋନ ଯୋଗେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକ ନୀଳଗିରି ମେଡ଼ିକାଲରେ ପହଞ୍ଚିବା ପରେ ମହାବୀର ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆହତ ଚାଳକଙ୍କ ଗାଡ଼ି ଚାବି ହସ୍ତାନ୍ତର କରିଥିଲେ। ତେବେ ମହାବୀର ଫାଉଣ୍ଡେସନ ଟ୍ରଷ୍ଟ ର ଏହି ମହାନ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଛନ୍ତି ଆହତ ବ୍ୟକ୍ତିଙ୍କ ପତ୍ନୀ। ଆହାତ ବ୍ୟକ୍ତି ଜଣକ ପୁରୀ ଅଞ୍ଚଳର ଅଭିମନ୍ୟୁ ପ୍ରଧାନ ବୋଲି ଜଣାପଡ଼ିଛି। ମହାବୀର ଫାଉଣ୍ଡେସନ ଟ୍ରଷ୍ଟ ଏଭଳି ସେବା ସବୁବେଳେ ସମାଜ ପାଇଁ ଚାଲିଛି ଆଉ ଆଗକୁ ମଧ ଜାରି ରହିବ ବୋଲି କହିଛନ୍ତି ଟ୍ରଷ୍ଟ ମୁଖ୍ୟ ବିଦ୍ୟାଧର ବାରିକ।

## ସୋରରେ କଳାକାର ସମନ୍ୱୟ ସମିତିର ମହୋତ୍ସବ



ସୋର, ୧୬।୫(ସମିସ): ଆଜି ପୂର୍ବାହ୍ଣରେ ସୋର ରୟାଲ ହୋଟେଲ ସଭାଗୃହରେ ବିଜୁ ଜନତାଦଳ କଳାକାର ସମନ୍ୱୟ ସମିତି ତରଫରୁ ନିର୍ବାଚନ ମଣ୍ଡଳୀସ୍ତରୀୟ କଳାକାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କଳାକାର ସଭାପତି ବଂଶୀଧର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ କଳାକାର ନିଜେ ଦୁଃଖରେ ଥାଇ ଅନ୍ୟର ମନରେ ଆନନ୍ଦ ଦିଏ। ମାତ୍ର ଏହି ଅବହେଳିତ କଳାକାରମାନଙ୍କର ଉନ୍ନତି ଏବଂ ଓଡ଼ିଶାରେ ହଜି ଯାଉଥିବା ଲୋକ କଳାକୁ ପୁନରୁଦ୍ଧାର ପାଇଁ ନବୀନ ପଟ୍ଟନାୟକଙ୍କ ଆନ୍ତରିକତା ରହିଥିବାରୁ ମୁଖ୍ୟମନ୍ତ୍ରୀ ଭାବେ ପୁନଶ୍ଚ ଗାଦିସୀନ କରିବା ନିମନ୍ତେ ନିବେଦନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଜେଡି ବିଧାୟକ ପ୍ରାର୍ଥୀ ମାଧବ ଧଡ଼ା ଯୋଗଦେଇ କକାକାରମାନଙ୍କର ସୁଖଦୁଃଖରେ ସାଥୀ ହୋଇ କାର୍ଯ୍ୟ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ମହିଳା ନେତ୍ରୀ ବିଦ୍ୟୁତଲତା ଦାସ, ଜିଲ୍ଲାପରିଷଦ ସଦସ୍ୟ ତଥା ବିଜେଡି ପର୍ଯ୍ୟବେକ୍ଷକ ଜୟରାମ ଦାସ, ବ୍ଲକ ଅଧକ୍ଷା ଅନସୂୟା ମଲ୍ଲିକ, ସାଂସଦ ପ୍ରତିନିଧି ଶଙ୍କର୍ଷଣ ବାରିକ, ସମାଜସେବୀ ଲୋକନାଥ ରାଉତ, ତ୍ରିଲୋଚନ ପାଣିଗ୍ରାହୀ, ଗୋବର୍ଦ୍ଧନ ଦ୍ୱାରୀ, ଯାତ୍ରା କଳାକାର ନାଟ୍ୟକାର ପୁରୁଷୋତ୍ତମ ବେହେରା, ଜ୍ଞାନରଞ୍ଜନ କର, ପାଲାଗାୟକ ଉପେନ୍ଦ୍ର ଜେନା, କାର୍ତ୍ତିକ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିବା ବେଳେ ସଚ୍ଚିଦାନନ୍ଦ ଦ୍ୱିବେଦୀ ସଙ୍ଗୀତଗାନ କରିଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ ଓ ନିର୍ବାଚନୀ ସଭା





ବାଲିଆପାଳ/ଲଙ୍ଗଳେଶ୍ୱର, ୧୬।୫(ସମିସ):

ବାଲିଆପାଳ ବ୍ଲକ ଡଗରା, ରତେଇ ଏବଂ ଜାମକୁଣ୍ଡା ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଏବଂ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳ ବସ୍ତା ନିର୍ବାଚନମଣ୍ଡଳୀ ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସମୃଦ୍ଧ ଓ ବିକଶିତ ବସ୍ତା - ବାଲିଆପାଳ ଗଠନ ଦିଗରେ ସର୍ଭିଙ୍କର ସହଯୋଗ ଲୋଡ଼ିବା ସହ ଆସନ୍ତା ଜୁନ ୧ ତାରିଖରେ ଦୁଇ ଥର ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ଡଗରା ପଞ୍ଚାୟତର ୧୦ ନମ୍ବର ୱାର୍ଡ ଏବଂ ଯୁଗଡ଼ିହା ଗ୍ରାମରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପଞ୍ଚାୟତ ସଭାପତି ନିତ୍ୟାନନ୍ଦ ଜେନା ସଭାପତିତ୍ୱରେ ପଞ୍ଚାୟତ କମିଟି ଏବଂ ୱାର୍ଡ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଡଗରା ପଞ୍ଚାୟତ ୧୦ ନଂ ୱାର୍ଡ଼ର ପୂର୍ବତନ ୱାର୍ଡ଼ ସଦସ୍ୟ ଶଙ୍କର ପାତ୍ରଙ୍କ ସମେତ ୧୦ରୁ ଅଧିକ ସକ୍ରିୟ ବରିଷ୍ଠ ଓ ଯୁବ ସଦସ୍ୟ ସଦସ୍ୟା କଂଗ୍ରେସ ଓ ବିଜେପି ଦଳ ଛାଡ଼ି ବିଧିବଦ୍ଧ ଭାବେ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ଉପସ୍ଥିତିରେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ମୁଖ୍ୟ ଅତିଥି ବସ୍ତା ବିଧାନସଭା ବିଜେଡି ପ୍ରାର୍ଥିନୀ ସୁବାସିନୀ ଜେନା ଦଳୀୟ ଉତ୍ତରୀୟ ପିନ୍ଧାଇ ବିଜୁ ଜନତା ଦଳକୁ ସ୍ୱାଗତ କରିଥିଲେ। ସେହିପରି ରତେଇ ପଞ୍ଚାୟତରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ସଭାପତିତ୍ୱ କରିଥିଲେ। ୨୨ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ପୂର୍ବତନ ସରପଞ୍ଚ ସରୋଜ ପାଢ଼ୀ, ବାଞ୍ଛାନିଧି ସାମଲ, ବରିଷ୍ଠ ନେତା ଚକ୍ରଧର ଗିରି, ମହେଶ୍ୱର ଜେନା, ପଞ୍ଚାୟତ ସଭାପତି ଲକ୍ଷ୍ମୀଧର ପ୍ରଧାନ, ପ୍ରମୁଖ ନେତୃବୃନ୍ଦ ଯୋଗଦେଇଥିଲେ। କର୍ମୀ ସମ୍ମିଳନୀରେ ବହୁ ପୁରୁଷ ଏବଂ ମହିଳା କର୍ମୀ ଉପସ୍ଥିତ ଥିଲେ। ରତେଇରେ କର୍ମୀ ସମ୍ମିଳନୀ ତଥା ନିର୍ବାଚନୀ ସଭାରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାରେ ଅନୁପ୍ରାଣିତ ହୋଇ ରତାଇ ପଞ୍ଚାୟତର ସକ୍ରିୟ ବରିଷ୍ଠ ଓ ଯୁବ ସଦସ୍ୟ ଗୌତମ ବିଶ୍ୱାଳ, କମଳଲୋଚନ ବିଶ୍ୱାଳ, ରାଜେନ୍ଦ୍ର ବିଶ୍ୱାଳ ଏବଂ ବନମାଳୀ ବାରିକ କଂଗ୍ରେସ ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ମୁଖ୍ୟ ଅତିଥି ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ସମସ୍ତଙ୍କୁ ବିଜୁ ପରିବାରକୁ ସ୍ୱାଗତ ଜଣାଇ ବସ୍ତା ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି କ୍ଷେତ୍ରରେ ମିଳିମିଶି କାର୍ଯ୍ୟ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିପରି ଜାମକୁଣ୍ଡା ପଞ୍ଚାୟତରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ପଞ୍ଚାୟତ ସଭାପତି ବସନ୍ତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରି ଭୋଟ ଭିକ୍ଷା କରିଥିଲେ। ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଶଧର ପ୍ରଧାନ, ୨୨ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ୨୩ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ବରିଷ୍ଠ ନେତା ନବୀନ ପାତ୍ର, ଅଜୟ ପାତ୍ର, ଚକ୍ରଧର ଗିରି, ପଞ୍ଚାୟତର ପୂର୍ବତନ ସରପଞ୍ଚ ବ୍ରଜ ବିଶ୍ୱାଳ, ପୂର୍ବତନ ସମିତି ସଦସ୍ୟ ସୁଧାଂଶୁ ବାରିକ, ମହିଳା ସଭାନେତ୍ରୀ ସୁମନ ପ୍ରଭା ପରିଡ଼ା, ଯୁବ ସଭାପତି ଦୀପକ ଜେନା, ଜିଲ୍ଲା ଯୁବ ସମ୍ପାଦକ ଜୟକୃଷ୍ଣ ନାୟକ, ଯୁବନେତା ସ୍ମୃତିରଞ୍ଜନ ଖୁଣ୍ଟିଆ ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ। କର୍ମୀ ସମ୍ମିଳନୀରେ ହଜାର ହଜାର ପୁରୁଷ ଓ ମହିଳା କର୍ମୀ ଯୋଗ ଦେଇଥିଲେ।

### ସମୀକ୍ଷା କଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ

# ସମ୍ବେଦନଶୀଳ ବୁଥ୍ ଜଗିବେ ସିଏପିଏଫ୍

### ସ୍ୱଚ୍ଛ, ନିରପେକ୍ଷ ଓ ମୁକ୍ତ ନିର୍ବାଚନ ନିମନ୍ତେ ନିଆଯାଉଛି ପଦକ୍ଷେପ

କେନ୍ଦୁଝର,୧୬।୫(ସମିସ)

କେନ୍ଦୁଝର ଜିଲ୍ଲାରେ ଆଗାମୀ ୨୫ ତାରିଖରେ ନିର୍ବାଚନ ହେବାକୁ ଯାଉଛି। ଏହାର ସମୀକ୍ଷା କରିବାକୁ ଗୁରୁବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନୀକୁଞ୍ଜ ବିହାରି ଧଳ କେନ୍ଦୁଝର ଗସ୍ତ କରିଥିଲେ। ପରେ ଦରବାର ହଲ ଠାରେ ନିର୍ବାଚନ ସମ୍ବନ୍ଧିୟ ପ୍ରଶାସନିକ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ। ପରେ ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲରେ ସାମ୍ବାଦିକଙ୍କ ସହିତ ଆଲୋଚନା ସମୟରେ ଜିଲ୍ଲାରେ ସ୍ୱଚ୍ଛ, ନିରପେକ୍ଷ, ମୁକ୍ତ ଅବାଧ ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଛି ବୋଲି କହିଥିଲେ। କେନ୍ଦୁଝର ନିର୍ବାଚନ ପାଇଁ ପ୍ରସ୍ତୁତ ଅଛି। ଯେଉଁ ମାନଙ୍କର ବୟସ ୮୫ବର୍ଷରୁ ଅଧିକ ଏବଂ ୪୦ ପ୍ରତିଶତରୁ ଅଧିକ ଦିବ୍ୟାଙ୍ଗ ଓ ଘରୁ ଭୋଟ ଦେବା ପାଇଁ ଆବେଦନ କରିଛନ୍ତି ସେମାନଙ୍କର ହୋମ ଭୋଟିଂ ଚାଲିଛି। ପୋଲିଂ ଅଧିକାରୀ ମାନଙ୍କର ମଧ୍ୟ ଭୋଟିଂ ଆରମ୍ଭ ହୋଇଛି। ଏଥି ସହିତ ଇଭିଏମ୍



କମିସନିଂ କାମ ଖୁବଶୀଘ୍ର ସରିବାକୁ ଯାଉଛ। ଆଶା କେନ୍ଦୁଝର ଜିଲ୍ଲାରେ ଭଲ ଭୋଟିଂ ହେବ। ଭୋଟରଙ୍କ ଭୋଟିଂ ଅନୁଭୂତିକୁ ସୁଖଦ କରିବାକୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି। ପୋଲିଂ କେନ୍ଦ୍ର ମାନଙ୍କରେ ଜଣେ ଲେଖାଏ ଆଶା କର୍ମୀ ନିୟୋଜିତ ହେବେ। ଦିବ୍ୟାଙ୍ଗ ଭୋଟର ମାନଙ୍କ ନିମନ୍ତେ ହୁଇଲ ଚେୟାର ବ୍ୟବସ୍ଥା, ବରିଷ୍ଠ ନାଗରିକଙ୍କୁ ପୁଲିଂ ବୁଥକୁ ଆସି ଭୋଟଦେବା ଓ ଘରକୁ ପ୍ରତ୍ୟାବର୍ତ୍ତନ ନିମନ୍ତେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ତରଫରୀ ନିଶୁଳ୍କ ବ୍ୟବସ୍ଥା, ଜିଲ୍ଲାର କିଛି ନିର୍ବାଚନ ମଣ୍ଡଳୀରେ ଆଗରୁ ନିର୍ବାଚନ ହିଂସା ସମ୍ପର୍କରେ ଇତିହାସ ଥିବାରୁ ସେଠାରେ ପର୍ଯ୍ୟପ୍ତ ସିଏପିଏଫ୍ ମୁତୟନ କରାଯିବ ବୋଲି ଶ୍ରୀ ଧଳ ସୂଚନା ଦେଇଛନ୍ତି। ସିଏପିଏଫମାନଙ୍କୁ ଜିଲ୍ଲାର ସମବେଦନଶୀଳ ବୁଥ ମାନଙ୍କରେ ମୁତୟନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଥିଲେ। ଗଣମାଧ୍ୟମକୁ ସୂଚନା ଦେବ ସମୟରେ ରାଜ୍ୟର ଅନ୍ୟତମ ନିର୍ବାଚନ ଅଧିକାରୀ ଡ. ତିରୁମାଲ୍ଲା ନାଏକ, କେନ୍ଦୁଝର ଜିଲ୍ଲାପାଳ ଓ ଏସ୍‌ପି ଉପସ୍ଥିତ ଥିଲେ।

## କୁଶଳେଶ୍ୱର କଲେଜ ରୋଭରଙ୍କୁ ରାଜ୍ୟ ପୁରସ୍କାର



**ଆନନ୍ଦପୁର,୧୬।୫(ସମିସ):** ରେକୁଟିଆ ସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ରୋଭର ଓ ରେଞ୍ଜରମାନଙ୍କୁ ରାଜ୍ୟପାଳ ରଘୁବର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜଭବନ ଠାରେ ରାଜ୍ୟ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ରାଜ୍ୟ ମୁଖ୍ୟ କମିଶନର ଡ. କାଳୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା ସନ୍ତୋଷ କୁମାର ଶତପଥୀ, ରାଜ୍ୟ ଉପସଭାପତି ଡ. ମିନତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରୋଭର ସ୍କାଉଟ ଲିଡର ଅଧ୍ୟାପକ ବିଜୟ କୁମାର ସାହୁଙ୍କ ନେତୃତ୍ୱରେ ୮ ଜଣ ରୋଭର ଓ ୧୧ଜଣ ରେଞ୍ଜର ସ୍ୱେଚ୍ଛାସେବୀଙ୍କୁ ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତା ପାଇଁ କଲେଜର ଅଧ୍ୟକ୍ଷ ଭବାନୀ ପ୍ରସାଦ ବଳ, ପରିଚାଳନା କମିଟିର ସଭାପତି ଡ. ଗୋଲକ ବିହାରୀ ଆଚାର୍ଯ୍ୟ ଅଭିନନ୍ଦନ ଜଣେଇଛନ୍ତି।

## ସ୍ୱାଧୀନ ପ୍ରାର୍ଥୀଙ୍କ ପଥପ୍ରାନ୍ତ ସଭା



**ଚମ୍ପୁଆ,୧୬।୫(ସମିସ):** ଚମ୍ପୁଆ ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଭାବେ ରଣାଙ୍ଗନକୁ ଓହ୍ଲାଇଛନ୍ତି ଯୁବ ପ୍ରାର୍ଥୀ କ୍ଷୀରୋଦ ଗିରି। ସେ ନିଜର ସାଙ୍ଗ ସାଥି, ପ୍ରିୟ ପରିଜନଙ୍କ ସହ ବିଭିନ୍ନ ଗାଁକୁ ଯାଇ ସ୍ଥାନୀୟ ସମସ୍ୟାକୁ ନେଇ ଭୋଟରମାନଙ୍କ ମନ ଜିଣିବାକୁ ଭରପୁର ଉଦ୍ୟମ ଜାରି ରଖିଛନ୍ତି। ସେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳକୁ ଯାଇ ପଥପ୍ରାନ୍ତ ସଭା କରିବା ସହ ଦୁଆର ଦୁଆର ବୁଲି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ଶ୍ରମିକ, ମୁଲିଆ, ଖଟିଖିଆ, ଦିନ ମଜୁରିଆମାନଙ୍କୁ ସେମାନଙ୍କ ହକ୍ ମିଳିବା ପାଇଁ କ୍ଷୀରୋଦ ଗିରି ଦାବି କରିଛନ୍ତି।

## ଚମ୍ପୁଆରୁ ଜବତ ହେଲାଣି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା



**ଚମ୍ପୁଆ, ୧୬।୫(ସିମିସ):** ସାଧାରଣ ନିର୍ବାଚନ ପୂର୍ବରୁ ଚମ୍ପୁଆରୁ ଜବତ ହେଲାଣଇ ୩୦ ଲକ୍ଷରୁ ଅଧିକ ଟଙ୍କା। ବିଭିନ୍ନ ସ୍ଥାନରେ ଫ୍ଲାଇଂ ସ୍କ୍ୱାଡ, ସର୍ଭେଲାନ୍ସ ଟିମ୍ ଓ ପୁଲିସ ଦ୍ୱାରା ଚଢଉ କରାଯାଇ ୩୦ ଲକ୍ଷରୁ ଉଦ୍ଧ୍ୱର୍ ଟଙ୍କା ଜବତ କରାଯାଇଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁସାରେ ଗତ ଏପ୍ରିଲ୍ ୨୬ ତାରିଖରେ ଏଫ୍‌ଏସ୍‌ଟି-୩ ଦ୍ୱାରା ୧ ଲକ୍ଷ ୪୦ ହଜାର , ମେ'୩ ୩ ତାରିଖରେ ବଡବିଲ ପୁଲିସ ଓ ଏସ୍‌ଏସ୍‌ଟି-୨ ଦ୍ୱାରା ୨୦ ଲକ୍ଷ ଟଙ୍କା, ୬ ତାରିଖରେ ଏଫ୍‌ଏସ୍‌ଟି-୨ ଓ ୩ର ମିଳିତ ଚଢଉରେ ୬ ଲକ୍ଷ ୧୧ ହଜାର ୩୬୦ ଟଙ୍କା, ୧୪ ତାରିଖରେ ଏସ୍‌ଏସ୍‌ଟି-୨ ଦ୍ୱାରା ୮୯ ହଜାର ୫ ଶହ ଟଙ୍କା, ୧୫ ତାରିଖରେ ଫ୍ଲାଇଂ ସ୍କ୍ୱାଡ ଟିମ-୪ ପକ୍ଷରୁ ଜାମୁଦଳକ ନିକଟରୁ ୧ଲକ୍ଷ ୯୨ ହଜାର ଟଙ୍କା ଜବତ କରାଯାଇଛି। ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଏବଂ ଚମ୍ପୁଆ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣି ଅଫିସର ସୁକାନ୍ତ ମାଝୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ୭ ଗୋଟି ଫ୍ଲାଇଂ ସ୍କ୍ୱାଡ ଦଳ, ୭ ଗୋଟି ସର୍ଭେଲାନ୍ସ ଟିମ ଓ ଗୋଟିଏ ଭିଡିଓ ସର୍ଭେଲାନ୍ସ ଟିମ୍ କାର୍ଯ୍ୟ କରୁଛନ୍ତି। ଏହି ଟିମ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଯାନବାହନ ସମେତ ବାଇକ୍ ମଧ୍ୟ ଯାଞ୍ଚ କରୁଥିବା ଦେଖିବାକୁ ମିଳିଛି।

## ଏନ୍‌ସିସି କ୍ୟାଡେଟ୍‌ଙ୍କ ଦ୍ୱାରା ନିର୍ବାଚନୀ ସଚେତନତା



କେନ୍ଦୁଝର,୧୬।୫(ସମିସ): ଆସନ୍ତା ମେ' ୨୫ ତାରିଖରେ କେନ୍ଦୁଝର ଜିଲ୍ଲାରେ ଉଭୟ କେନ୍ଦୁଝର ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ସମସ୍ତ ବିଧାନସଭା ଆସନ ପାଇଁ ମତଦାନ ପ୍ରକ୍ରିୟା ଅନୁଷ୍ଠିତ ହେବାକୁ ଯାଉଛି। ଗଣତନ୍ତ୍ରର ଏହି ମହାପର୍ବରେ କିଭଳି ସବୁ ବର୍ଗର ନାଗରିକ ସାମିଲ ହେବେ ଏବଂ ଏହାକୁ ସଫଳ କରାଇବେ ଏନେଇ ଜିଲ୍ଲାବ୍ୟାପୀ ବିଭିନ୍ନ ପ୍ରକାରର ସଚେତନତାଧର୍ମୀ କାର୍ଯ୍ୟକ୍ରମ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି)ର ୧୪ ଓଡ଼ିଶା ବାଟାଲିୟନ୍ କ୍ୟାଡେଟ୍‌ମାନଙ୍କ ଦ୍ୱାରା ଜିଲ୍ଲାବ୍ୟାପୀ ନିଆରା ନିର୍ବାଚନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ସିସି ୧୪ ଓଡ଼ିଶା ବାଟାଲିୟନର କମାଣ୍ଡିଂ ଅଫିସର୍ କର୍ଣ୍ଣେଲ୍ ଏମ୍ ଚନ୍ଦ୍ରଶେଖର ରାଓଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ପ୍ରମୁଖ ମହାବିଦ୍ୟାଳୟ ଯଥା-ଧରଣୀଧର ବିଶ୍ୱବିଦ୍ୟାଳୟ, କୁଶଳେଶ୍ୱର ମହାବିଦ୍ୟାଳୟ ରେକୁଟିଆ, ପତିତପାବନ ମହାବିଦ୍ୟାଳୟ ସାଇଁକୁଳ, ଆଞ୍ଚଳିକ ମହାବିଦ୍ୟାଳୟ ସୋମପାଟଣା ଇତ୍ୟାଦି ଶିକ୍ଷାନୁଷ୍ଠାନର ଏନ୍‌ସିସି କ୍ୟାଡେଟ୍‌ମାନେ ନିଜ ନିଜ ଅଞ୍ଚଳରେ ଏହି ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ନିର୍ବାଚନୀ ସଚେତନା ରାଲି, ସ୍ୱତନ୍ତ୍ର ପଥପ୍ରାନ୍ତ ନାଟକ ଏବଂ ପିରାମିଡ୍ ଇତ୍ୟାଦି ଜରିଆରେ ଭୋଟରମାନଙ୍କୁ ଆସନ୍ତା ମେ' ୨୫ ତାରିଖରେ ବହୁ ସଂଖ୍ୟାରେ ଆସି ମତଦାନ କରିବାକୁ ବାର୍ତ୍ତା ଦେଇଛନ୍ତି। ୨୫୦ରୁ ଉଦ୍ଧ୍ୱର୍ ଏନସିସି କ୍ୟାଡେଟ୍ ଏହି ସବୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବେଳେ ଏନ୍‌ସିସି ଅଫିସର ବିଜୟ କୁମାର ବେହେରା, ସତ୍ୟବ୍ରତ ପତି, ଜୟଦେବ ଦାସ, ସଲମା କିସ୍କୁ, ଧର୍ମେନ୍ଦ୍ର କୁମାର ସାହୁ ପ୍ରମୁଖ ବିଭିନ୍ନ କଲେଜ ୱାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ସିସିର ଫିଜିକାଲ୍ ଇଷ୍ଟ୍ରକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିଜେପି ପକ୍ଷରୁ ବାଇକ୍ ଶୋଭାଯାତ୍ରା



**ସୋସୋ, ୧୬।୫(ସମିସ):** ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ ପ୍ରଚାରକୁ ଯୋରଦାର କରିବା ସହିତ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି। ତା'ଛଡା ଜୋନ୍ ସ୍ତରୀୟ ବାଇକ୍ ରାଲି କରୁଥିବା ବେଳେ ଆଜି ହାଟଡିହି ବ୍ଲକର ମରେଇଗାଁ ପଞ୍ଚାୟତରେ ଥିବା ମରେଇଗାଁ, ବେତିରା, ଚଣ୍ଡିବିରଞ୍ଚିପୁର ଆଦି ବିଭିନ୍ନ ଗାଁକୁ ମୋଟରସାଇକଲ ରାଲି କରି ପ୍ରଚାର କରିଛନ୍ତି।

## ବେଲବାହାଲି ଅଞ୍ଚଳରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ବେଲବାହାଲି,୧୬।୫(ସମିସ):** ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ଆନନ୍ଦପୁର ଉପଖଣ୍ଡରେ ପୁଲିସର ପ୍ରାକ୍ ନିର୍ବାଚନୀ ପ୍ରସ୍ତୁତି ଜୋରଦାର କରାଯାଇଛି। ଏହି ଉପଲକ୍ଷେ ଘସିପୁରା ପୁଲିସ ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ପରିସ୍ଥିତିର ଅନୁଧ୍ୟାନ ପାଇଁ ବିଭିନ୍ନ ଅଞ୍ଚଳରେ ସିଆଇଏସ୍‌ଏଫ୍ ଯବାନମାନଙ୍କୁ ନେଇ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ଫ୍ଲାଗମାର୍ଚ୍ଚ ଆରମ୍ଭ ହୋଇଛି। କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଡାଗୁଡୁଙ୍କ ନିର୍ଦ୍ଦେଶରେ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଆନନ୍ଦପୁର ଉପଖଣ୍ଡର ବେଲବାହାଲି ଅଞ୍ଚଳରେ ସିଆଇଏସ୍‌ଫ ଯବାନମାନଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରିଥିବା ଜଣାଯାଇଛି। ପୁଲିସର ଏହି ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟରେ ଘସିପୁରା ଥାନା ଅଧିକାରୀ ସୁନିଲ କୁମାର କର ଉପସ୍ଥିତ ରହି ପୁଲିସ ବାହିନୀକୁ ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବୈଠକ

**ସୋସୋ, ୧୬।୫(ସମିସ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହି ବ୍ଲକ ଅଣା ପଡିଆ ନିକଟରେ ଆସନ୍ତା ୧୯ ତାରିଖ ମୁଖ୍ୟମନ୍ତ୍ରୀଙ୍କର ନିର୍ବାଚନୀ ଗସ୍ତ ରହିଛି। ମୁଖ୍ୟମନ୍ତ୍ରୀଙ୍କର ନିର୍ବାଚନୀ ସଭାରେ ଅଧିକରୁ ଅଧିକ ବିଜେଡି କର୍ମୀ ସାମିଲ ହେବା ସହ ସଫଳ କରିବାକୁ ଘସିପୁରା ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ, କେନ୍ଦୁଝର ସାଂସଦ ପ୍ରାର୍ଥୀ ଧନୁର୍ଜ୍ଜୟ ସିଧୁ, ଜିଲ୍ଲା ବିଜେଡି ସଭାପତି କୁଶ ଆପଟ, ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ଜେନା, ଜିଲ୍ଲା ପରିଷଦ ସଦସ୍ୟା କୌଶଲ୍ୟା ସେଠୀ, ବ୍ଲକ ଯୁବ ବିଜେଡି ସଭାପତି ଚିନ୍ମୟ ନାୟକ, ବିକ୍ରମ ବିଶ୍ୱାଳଙ୍କ ସମେତ ବହୁ ବରିଷ୍ଠ ନେତା, ବିଭିନ୍ନ ପଞ୍ଚାୟତର ଛାମୁଆ କର୍ମୀ ସାମିଲ ହୋଇଥିଲେ। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତରେ ହଜାର ହଜାର ଲୋକ କିଭଳି ସାମିଲ ହେବେ ଆଲୋଚନା କରାଯିବା ସହିତ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀଙ୍କୁ କିଭଳି ଅଧିକ ଭୋଟ୍‌ରେ ଜିତାଇବା ସହିତ ସାଂସଦ ପ୍ରାର୍ଥୀଙ୍କୁ ଏହି ନିର୍ବାଚନମଣ୍ଡଳୀରୁ କିଭଳି ଅଧିକ ଭୋଟ୍ ଯିବ ସେ ନେଇ ଆଲୋଚନା କରାଯିବା ସହିତ ପ୍ରାର୍ଥୀମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ।



## ୩୪ ନଂ ଜୋନ୍‌ରେ କଂଗ୍ରେସର ଶୋଭାଯାତ୍ରା



**ସୋସୋ, ୧୬।୫(ସମିସ):** ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହି ବ୍ଲକର ୩୪ନଂ ଜୋନର କଂଗ୍ରେସ ବିଧାୟକ ପ୍ରାର୍ଥୀ ଜୟଦେବ ଜେନା ବାଇକ୍ ରାଲି କରି ପ୍ରଚାରକୁ ଯୋରଦାର କରିଛନ୍ତି। ସୋସୋ କଲେଜ ଛକରୁ ଏକ ହଜାରରୁ ଉଦ୍ଧ୍ୱର୍ ବାଇକ୍ ଶୋଭାଯାତ୍ରାରେ ବାହାରି କାନପୁର, ସୋସୋ, ବେରୁଣପଦି, ବାଲିବରେଇ, ନୂଆଗାଁ, ବାଙ୍ଗୋର, ଧନୁର୍ଜ୍ଜୟପୁର, ପଡିଆରିପଲ୍ଲୀ, ହଦଗଡ ଆଦି ପଞ୍ଚାୟତର ବିଭିନ୍ନ ଗାଁକୁ ପରିକ୍ରମା କରିଥିଲା। ଏହି ସମୟରେ ଅଲେଖ ଚନ୍ଦ୍ର ମଲ୍ଲିକ, ମନିଜ ଜେନା, ପୂର୍ଣ୍ଣଚନ୍ଦ୍ର ପାତ୍ର, ନିକୁଞ୍ଜ ଓଝାଙ୍କ ସମେତ ଶହଶହ ବରିଷ୍ଠ କର୍ମୀ ସାମିଲ ହୋଇଥିଲେ।

## ଚାରି ଦଶନ୍ଧିର କେନାଲ
# ଚାଷଜମିକୁ ପାଣି ମାଡୁନି

**ହାଟଡିହୀ,୧୬।୫(ସମିସ):** ଚାରି ଦଶନ୍ଧି ତଳୁ ଖୋଳା ଯାଇଥିବା କେନାଲର ପରିତ୍ୟକ୍ତ ଅବସ୍ଥା ପାଇଁ ଚାଷଜମିକୁ ପାଣି ମାଡୁନି। କେବଳ କାଗଜ କଲମରେ ଚାଷଜମିକୁ ଜଳସେଚିତ ବୋଲି ଦର୍ଶାଯାଉଥିବାରୁ ମରୁଡ଼ି ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି ଚାଷୀ। ଏଭଳି ଚିତ୍ର ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ କରଗୋଳା ଗ୍ରାମରେ। ହାଟଡିହୀ ବ୍ଲକ୍ ଆମ୍ବୋ ଓ ସମଣା ପଞ୍ଚାୟତର ଆମ୍ବୋ, ଲଇଛଣପୁର, କରଗୋଳା, ତେଲଶିଙ୍ଗା, ଗିରିଗାଁ, ବେଗୁନିଆପଦି, ସରଳା, ଅଣତୀରା ଗ୍ରାମର ଚାଷଜମିକୁ ଜଳସେଚିତ କରିବା ପାଇଁ ୧୯୮୪ରେ ଆବୁଲପୁରା ଠାରୁ କରଗୋଳା ପର୍ଯ୍ୟନ୍ତ କେନାଲ ନିର୍ମାଣ ହୋଇଥିଲା। ସେତେବେଳେ ଏହି କେନାଲ ପାଇଁ ଅନେକ ଲୋକ ଜମି ହରାଇଥିଲେ। କେନାଲ ନିର୍ମାଣ ହେଲେ ଜମିକୁ ପାଣି ମାଡ଼ିବ; ମରୁଡ଼ି ସମସ୍ୟାର ସମାଧାନ ହେବ ବୋଲି ଚାଷୀ ଆଶା ରଖିଥିଲେ। ହେଲେ କେନାଲ ନିର୍ମାଣକୁ ୪୦ବର୍ଷ ବିତି ଯାଇଥିଲେ ମଧ୍ୟ ଚାଷଜମିକୁ ପାଣି ଟୋପେ ମାଡୁ ନଥିବା ନେଇ ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ଅଭିଯୋଗ କରିଛନ୍ତି ଚାଷୀକୁଳ। ପ୍ରତିବର୍ଷ କେନାଲ ମରାମତି ନାମରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ନାମରେ ଅର୍ଥ ଚଳୁ ହେଉଥିବା କୁହାଯାଇଛି। କେନାଲ ପାଣିର ସୁବିଧା ପାଉନଥିବା ନେଇ ଚାଷୀଙ୍କ ମଧ୍ୟରେ ଚକ୍ରଧର ପରିଡ଼ା, ବନମାଳୀ ଜେନା, ଗୋପାଳକୃଷ୍ଣ ମହାପାତ୍ର, ସୁବ୍ରତ ମହାପାତ୍ର, ଜିତେନ୍ଦ୍ର ରାଉତ, ବାବନ ରାଉତ, ରଘୁନାଥ ବାରିକ, ଶଶିକାନ୍ତ ଦେହୁରୀ, ପାଣ୍ଡବ ଜେନା, ଜଗବନ୍ଧୁ ଜେନା, ମଣ୍ଟୁ ପଣ୍ଡା, ଦୈତାରୀ ସାହୁ ପ୍ରମୁଖ କହିଛନ୍ତି। କିଛିଦିନ ତଳେ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କେନାଲ ପରିଦର୍ଶନରେ ଆସିଥିଲେ। ତିନିମାସ ଭିତରେ ସମସ୍ୟାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପ୍ରତିଶ୍ରୁତି ପାଣିର ଗାଁର ପାଲଟିଛି।



ଜମିକୁ ଜଳସେଚନ ହେଉନଥିବାରୁ ଚାଷୀ ବିଭିନ୍ନ ସମୟରେ ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। କାଗଜକଲମରେ ଏଠାକାର ଜମିକୁ ଜଳସେଚିତ ଅଞ୍ଚଳ ଦର୍ଶାଯାଇଥିବାରୁ ଚାଷୀମାନେ ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏସମ୍ପର୍କରେ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ, କେନାଲର ତଳମୁଣ୍ଡରେ ଥିବା ଜମିକୁ ପାଣି ଯାଇପାରୁନି। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କ ସଭାରେ ନେତା ଅଧିକ, ଜନତା କମ୍

ଆନନ୍ଦପୁର, ୧୬।୫(ସମିସ)

ଘସିପୁରା ନିର୍ବାଚନମଣ୍ଡଳୀର ଶାମୁକାନଣ୍ଡି ଗ୍ରାମକୁ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଫଗନ ସିଂ କୁଲସ୍ତେଙ୍କ ଗସ୍ତ ଅତ୍ୟନ୍ତ ନୈରାଶ୍ୟଜନକ ପରିଲକ୍ଷିତ ହୋଇଛି। ଏହି ସଭାରେ ଦଳୀୟ ନେତାଙ୍କ ସଂଖ୍ୟା ଅଧିକ ଥିବା ବେଳେ ସ୍ଥାନୀୟ ଜନତାଙ୍କ ଦେଖା ମିଳିନଥିବାରୁ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ଓ ସଭାକୁ ନେଇ ବିଭିନ୍ନ ରାଜନୈତିକ ମହଲରେ ଭିନ୍ନ ଭିନ୍ନ ଚର୍ଚ୍ଚା ଜୋର ଧରିଛି। ପୂର୍ବ ସୂଚନାନୁଯାୟୀ, ଏହି ଗ୍ରାମରେ ଏକ ଆଦିବାସୀ ସମ୍ମେଳନ ଆୟୋଜନ କରାଯିବା ପାଇଁ ଭାରତୀୟ ଜନତା ପାର୍ଟିର ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ସୂଚନା ଦିଆଯାଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ, କେନ୍ଦ୍ରମନ୍ତ୍ରୀ ଶ୍ରୀ କୁଲସ୍ତେଙ୍କ ସାଧାରଣ ସଭାରେ ଉଦବୋଧନ ଦେବା ପରେ ଶାମୁକାନଣ୍ଡି ୧୫୯ ନଂ.ବୁଥ୍‌ର ଶକ୍ତି ପ୍ରମୁଖ ମାନଙ୍କ ସହିତ ଦଳୀୟ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିଲା। ଏହି ଗସ୍ତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ଅପରାହ୍ନ ୫.୫୦ ମିନିଟ୍ ସମୟରେ କେନ୍ଦ୍ରମନ୍ତ୍ରୀ ଶାମୁକାନଣ୍ଡି ଗ୍ରାମରେ ପହଞ୍ଚିଥିଲେ। ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସମେତ ହାତଗଣତି କେତେଜଣ ଜନତାଙ୍କୁ ନେଇ ସଭା ଆରମ୍ଭ ହୋଇଥିଲା। ଏହି ସଭାରେ ଭାରତୀୟ ଜନତା ପାର୍ଟିର ଘସିପୁରା ନିର୍ବାଚନ ମଣ୍ଡଳୀ ସହ ସଂଯୋଜକ ବାଇଧର ଚିନ୍ନାରାଙ୍କ ସଂଯୋଜନାରେ ଘସିପୁରା ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ଡ. ଶମ୍ଭୁନାଥ ରାଉତ ଆଗାମୀ ୨୫ ତାରିଖ ହେବାକୁ ଥିବା ସାଧାରଣ ନିର୍ବାଚନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ନିର୍ବାଚନମଣ୍ଡଳୀ ପ୍ରଭାରି ସୁବ୍ରତ ମହାନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ କୁଲସ୍ତେଙ୍କ ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ ବରିଷ୍ଠ ବିଜେପି ନେତା ତ୍ରିଲୋଚନ ଦାଶ, ଅଧ୍ୟାପକ ପଞ୍ଚାନନ ରାଉତ, ଜିଲ୍ଲା ସମ୍ପାଦକ ଇଂ.ଦୀପକ ଜେନା, ମଣ୍ଡଳ ସଭାପତି ବିକାଶ ଜେନା, ଗୋଲକ ଜେନା, ମାନସ ପୁହାଣ, ଟୁକୁ ଚକ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜେପି ଯୁବନେତା ପ୍ରଣବ ପୁହାଣ, ନାରାୟଣ ରାଉତ, ବୁଥ୍ ପ୍ରଭାରୀ ରାଜୀବ ନାୟକ, ଶକ୍ତି ପ୍ରମୁଖ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ସହଶକ୍ତି ପ୍ରମୁଖ ଗୋବର୍ଦ୍ଧନ ନାଏକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



## ଡାକ୍ତର ସଞ୍ଜୟ ପଣ୍ଡାଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲର ଅତିରିକ୍ତ ଦାୟିତ୍ୱ

ଜଳେଶ୍ୱର ବ୍ଲକ, ୧୬।୫ (ସମିସ): ଗତ ମେ ମାସ ୩ ତାରିଖ ଦିନ ଜଳେଶ୍ୱର ଥାନା ଚକହରି ଗ୍ରାମର ୧୭ ବର୍ଷୀୟ ଯୁବକ ଉମେଶ ଓଝା କୌଣସି ଏକ ଘରୋଇ କଥାକୁ ନେଇ କୀଟନାଶକ ଔଷଧ ପିଇ ଦେଇଥିଲେ। ପରେ ପରିବାର ଲୋକେ ତାଙ୍କୁ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଜିକେ ଭଟ୍ଟର ହସ୍ପିଟାଲକୁ ନେଇଥିଲେ। ସେଠାରେ ଯନ୍ତ୍ରଣାରେ ଛଟପଟ ହୋଇ ଉମେଶର ମୃତ୍ୟୁ ହୋଇଥିଲା। ଡାକ୍ତରଙ୍କ ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗରେ ଡାକ୍ତରଖାନା ପରିସରରେ ପରିବାର ଲୋକେ ଓ ଡାକ୍ତରଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଡାକ୍ତର ଙ୍କୁ ମାଡ଼ ମାରିବା ସହ ଡାକ୍ତରଖାନାର ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଏ ବାବଦରେ ଡାକ୍ତର ଓ ପରିବାର ଲୋକଙ୍କ ମଧ୍ୟରେ ଉଭୟ ଉଭୟଙ୍କ ପକ୍ଷରୁ ଥାନାରେ ଏତଲା ଦିଆ ଯାଇଥିଲା। ମାତ୍ର ପରିବାର ଲୋକଙ୍କ ପକ୍ଷରୁ ୬ ଜଣଙ୍କୁ ଜଳେଶ୍ୱର ପୁଲିସ ଗିରଫ କରି କୋର୍ଟ ପଠାଇବାରେ ସକ୍ଷମ ହୋଇଥିଲା। ଅପର ପକ୍ଷରେ ଗ୍ରାମବାସୀ ଓ ପରିବାର ଲୋକେ ଡାକ୍ତର ଦିଲ୍ଲୀପ କୁମାର ପାତ୍ରଙ୍କୁ ଗିରଫ କରିବା ପାଇଁ ଶିଖରପୁର ଗ୍ରାମରେ ଗତ ୯ ତାରିଖ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ ଓ ଯଦି ଡାକ୍ତର ଦିଲ୍ଲୀପ କୁମାର ପାତ୍ରଙ୍କୁ ପୁଲିସ ଗିରଫ ନ କରେ ତେବେ ଗ୍ରାମବାସୀ ପକ୍ଷରୁ ହସପିଟାଲ ସମ୍ମୁଖରେ ଆନ୍ଦୋଳନ ସହ ପରିଆର ଲୋକେ ସେଠାରେ ଆତ୍ମହତ୍ୟା କରିବେ ବୋଲି ଉକ୍ତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ। ଏପରି ସ୍ଥଳେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଧିକାରୀଙ୍କ ଚିଠି ସଂଖ୍ୟା - ୭୨୧୪ ତା-୧୬୫/୫/୨୦୨୪ ମୂଳେ ଜି.କେ.ଭଟ୍ଟର ହସପିଟାଲ ଅଧିକ୍ଷକ ଡାକ୍ତର ପାତ୍ରଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଡାକ୍ତର ସଞ୍ଜୟ କୁମାର ପଣ୍ଡାଙ୍କୁ ପରବର୍ତ୍ତୀ ଅର୍ଡର ପର୍ଯ୍ୟନ୍ତ ଜି.କେ. ଭଟ୍ଟର ହସପିଟାଲର ଅଧୀକ୍ଷକ ଦାୟିତ୍ୱ ତୁଲାଇବାକୁ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି।

**ଭୋଗରାଇରେ ତିନୋଟି ମନ୍ଦିରରୁ ସିରିଜ ଚୋରି**

# ୧୫ ଲକ୍ଷର ସୁନାରୁପା ଅଳଙ୍କାର ନେଇଗଲେ

ଭୋଗରାଇ, ୧୬।୫ (ସମିସ) :



ଭୋଗରାଇ ବ୍ଲକ ଅଞ୍ଚଳରେ ଦିନକୁ ଦିନ ଚୋର ଲୁଟେରାଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ନିୟମିତ ବ୍ୟବଧାନରେ ବାରମ୍ବାର ରାସ୍ତା ପାର୍ଶ୍ୱ ମନ୍ଦିର ଓ ଘରୁ ବିପୁଳ ପରିମାଣର ଆସବାବପତ୍ର, ନଗଦ ଟଙ୍କା, ସୁନାରୂପା ଅଳଙ୍କାର ଚୋରି ହେଉଛି। ଚୋରି କରି ଦୁର୍ବୃତ୍ତ ମାନେ ସହଜରେ ଖସି ଯାଉଛନ୍ତି। ଚୋର ଧରିବା ତ ଦୂରର କଥା ପୁଲିସ ଏହାର ସାମାନ୍ୟତମ ସୂଚନା ମଧ୍ୟ ପାଇପାରୁ ନାହିଁ। ତଦନ୍ତ ପାଇଁ ପୁଲିସ ସାଇଣ୍ଟିଫିକ ଟିମ ଓ ପୁଲିସ ସନ୍ଧାନୀ କୁକୁର ଆସୁଥିଲେ ମଧ୍ୟ କୌଣସି ସଫଳତା ମିଳିପାରୁ ନାହିଁ। ଏଭଳି ସ୍ଥିତିରେ ଭୋଗରାଇବାସୀ ପୁଲିସ ଉପରୁ ଭରସା ତୁଟାଇ ସାରିଲେଣି। ଏଭଳି ଏକ ଘଟଣାକ୍ରମରେ ବୁଧବାର ବିଳମ୍ବିତ ରାତିରେ ସୋହରିଆ ପଞ୍ଚାୟତ ଅନ୍ତର୍ଗତ ଝାଡସିମୁଳିଆ ଗ୍ରାମସ୍ଥିତ ମା' ଖରାଖାଇ ଠାକୁରାଣୀ ମନ୍ଦିର ଏବଂ କଖଡା ପଞ୍ଚାୟତ ଅନ୍ତର୍ଗତ ତଲାଡି ଗ୍ରାମର ମା' ମଙ୍ଗଳା ମନ୍ଦିର ଓ ଭାଗବତ ଟୁଙ୍ଗୀରେ ଥିବା ରାଧାକୃଷ୍ଣ ମନ୍ଦିରରୁ ୧୫ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସୁନାରୂପା ଅଳଙ୍କାର, ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ସିରିଜ ଚୋରି ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ପୁଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ତଦନ୍ତ କରିଥିଲେ ମଧ୍ୟ ଚୋରି ସାମଗ୍ରୀ ତ ଦୂରର କଥା ଚୋରଙ୍କ ସନ୍ଧାନ ମିଳିପାରି ନାହିଁ।

ପ୍ରକାଶ ଯେ, ଭୋଗରାଇ ଥାନା ଅନ୍ତର୍ଗତ ଦେଉଳା ହାଟ-କଖଡା ଭାୟା ସୋହରିଆ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ମୁଖ୍ୟ ରାସ୍ତା ପାର୍ଶ୍ୱରେ ସୋହରିଆ ପଞ୍ଚାୟତ ଝାଡସିମୁଳିଆ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଖରାଖାଇ ଠାକୁରାଣୀଙ୍କ ମନ୍ଦିର ରହିଛି। ବୁଧବାର ବିଳମ୍ବିତ ରାତିରେ ଏହି ମନ୍ଦିରର ଦୁଇଟି ଗ୍ରୀଲ ଗେଟ ତାଲା କାଟି କଳାକନା ବୁଲାଇଛି ଚୋର। ଗୁରୁବାର ସକାଳେ ମା' ଖରାଖାଇ ଠାକୁରାଣୀଙ୍କ ସେବାୟତ ହରିଶ୍ଚନ୍ଦ୍ର ବେହେରା ମନ୍ଦିରର ଦୈନନ୍ଦିନ ନିତ୍ୟକର୍ମ ସମ୍ପାଦନ ପାଇଁ ଆସି ଦୁଇଟି ଗ୍ରୀଲ ଗେଟ ଭାଙ୍ଗି ମନ୍ଦିରରୁ ସମସ୍ତ କିଛି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଗ୍ରାମବାସୀ ମାନେ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ମା' ଠାକୁରାଣୀଙ୍କ ୫୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର, ୮ କିଗ୍ରାରୁ ଅଧିକ ଓଜନର ରୂପା ପାଦୁକା, ମୁକୁଟ ଓ ଅନ୍ୟାନ୍ୟ ଅଳଙ୍କାର, ଦାନବାକ୍ସରୁ ୧୨ ହଜାରରୁ ଅଧିକ ନଗଦ ଟଙ୍କା, ମନ୍ଦିରର ବଡ଼ ଘଣ୍ଟି ସମେତ ସମସ୍ତ କଂସା ବାସନ, ଘଣ୍ଟ, ଘଣ୍ଟା ଓ ଅନ୍ୟାନ୍ୟ ସମସ୍ତ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଗ୍ରାମବାସୀ ମାନେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ସେହିପରି କଖଡା ପଞ୍ଚାୟତ ଅନ୍ତର୍ଗତ ତଲାଡି ଗ୍ରାମର ମା' ମଙ୍ଗଳା ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମା' ମଙ୍ଗଳା ମନ୍ଦିରରୁ ୬ଟି ସୁନା ପାଦୁକା, ୧୦ଟି ରୂପା ପାଦୁକା, ମା'ଙ୍କ ରୂପା ମୁକୁଟ, କଂସା ବାସନ ଓ ସମସ୍ତ ପୂଜା ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ସେହିପରି ମା' ମଙ୍ଗଳା ମନ୍ଦିର ନିକଟସ୍ଥ ଭାଗବତ ଟୁଙ୍ଗୀରୁ ରାଧାକୃଷ୍ଣଙ୍କ ସୁନା ରୂପା ଅଳଙ୍କାର ଓ ରୂପା ମୁକୁଟ ଚୋରି ହୋଇଥିଲା ବେଳେ ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଅଭିଯୋଗ ହୋଇଛି। ଏହି ଅଭିଯୋଗ ମୂଳେ ଭୋଗରାଇ ଥାନା ପୁଲିସ ୩ଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଅପରାହ୍ନରେ ବାଲେଶ୍ୱର ଜିଲ୍ଲା ପୁଲିସ ମୁଖ୍ୟାଳୟରୁ ସାଇଣ୍ଟିଫିକ ଟିମ ଓ ପୁଲିସ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଚୋର ଏବଂ ଚୋରି ସାମଗ୍ରୀର ସନ୍ଧାନ କରିବାରେ ବିଫଳ ହୋଇଛି।

## ବୃନ୍ଦାବନ ବିହାରୀ ଦାଶଙ୍କ ତିରୋଧାନ ଦିବସ

ଭୋଗରାଇ, ୧୬।୫ (ସମିସ) : ସେ କେବଳ ଜଣେ ବ୍ୟକ୍ତି ନଥିଲେ। ସେ ଥିଲେ ଅନୁଷ୍ଠାନ। ଚିରାଚରିତ ଶିକ୍ଷା ବ୍ୟବସ୍ଥା ସୁଧାର ପାଇଁ ତାଙ୍କର ସାଲିସହୀନ ସଂଗ୍ରାମ ସମଗ୍ର ଶିକ୍ଷକ ସମାଜ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ଏହାସହିତ ତାଙ୍କ ବଳିଷ୍ଠ ନେତୃତ୍ୱରେ ଗଢ଼ି ଉଠିଥିବା ସରସ୍ୱତୀପୁର ରଘୁନାଥ ନୋଡାଲ ଏକାଡେମୀ ଭଳି ଶିକ୍ଷାନୁଷ୍ଠାନ ଭୋଗରାଇ ତଥା ସମଗ୍ର ଜିଲ୍ଲାରେ ଏକ ଅନ୍ୟତମ ଗୌରବୋଜ୍ଜ୍ୱଳ ଶିକ୍ଷାନୁଷ୍ଠାନ ଭାବେ ପ୍ରତିଷ୍ଠା ଲାଭ କରିପାରିଛି। ବର୍ତ୍ତମାନ ସମୟରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଡ୍ରେସ୍ କୋର୍ଡଠାରୁ ଆରମ୍ଭ କରି ସ୍କୁଲ ଏମାଲଗେସନ (ଏକତ୍ରୀକରଣ) ପର୍ଯ୍ୟନ୍ତ ଆଧୁନିକ ଓ ବ୍ୟବସ୍ଥିତ ଚିନ୍ତାଧାରାକୁ ତତ୍କାଳୀନ ସମୟରେ ସେ କାର୍ଯ୍ୟକାରୀ କରିଥିଲେ। ତତ୍କାଳୀନ ସମୟରେ ଶିକ୍ଷାନୁଷ୍ଠାନରେ ସେ ପ୍ରବର୍ତ୍ତନ କରିଥିବା ସମସ୍ତ ଶୃଙ୍ଖଳା, ନିୟମ କାନୁନ ଓ ଚିନ୍ତାଧାରାକୁ ଦୀର୍ଘ ୪୦ ବର୍ଷ ପରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କାର୍ଯ୍ୟକାରୀ କରିଛି। ସେ ଏକାଧାରରେ ଜଣେ ସମାଜ ସଙ୍ଗଠକ, ସମାଜ ସଂସ୍କାରକ, ସାଂସ୍କୃତିକ ଓ ଆଧାତ୍ମିକ ପ୍ରଚାରକ, ଅନୁଷ୍ଠାନ ପ୍ରେମୀ ଓ ବଳିଷ୍ଠ ସାରସ୍ୱତ ସାଧକ ଥିଲେ ବୋଲି ଭୋଗରାଇ ବ୍ଲକ ଅନ୍ତର୍ଗତ ସରସ୍ୱତୀପୁର ରଘୁନାଥ ନୋଡାଲ ଏକାଡେମୀର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ଦିବଙ୍ଗତ ବୃନ୍ଦାବନ ବିହାରୀ ଦାଶଙ୍କ ୨୧ ତମ ତିରୋଧାନ ଦିବସର ସ୍ମୃତିଚାରଣ ସଭାରେ ମତପ୍ରକାଶ ପାଇଛି। ସରସ୍ୱତୀପୁର ରଘୁନାଥ ନୋଡାଲ ଏକାଡେମୀ ପରିସରରେ ପ୍ରତିଷ୍ଠିତ ଦିବଙ୍ଗତ ବୃନ୍ଦାବନ ବିହାରୀ ଦାଶଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ମାଲ୍ୟାର୍ପଣ ପରେ ପ୍ରଧାନ ଶିକ୍ଷକ ଅରୁଣାଂଶୁ ଶେଖର ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଭାବପୂର୍ଣ୍ଣ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ଘରାଇ, ସମ୍ମାନିତ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଜୟନ୍ତ କୁମାର ଦାସ, ପୁରାତନ ଛାତ୍ର ସଂସଦ ସଭାପତି ରାମହରି ସୁର, ପୁରାତନ ଛାତ୍ର ତଥା ଫୁଲବଣୀ ସରକାରୀ ନୋଡାଲ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ରଞ୍ଜନ କୁମାର ଦତ୍ତ, ୱାର୍ଡସଭ୍ୟ ମଦନ ବାରିକ, ପୂର୍ବତନ ୱାର୍ଡସଭ୍ୟ ପ୍ରଭୁରାମ ଦାସ ଓ ବିକାଶ ଦାସ, ପୂରାତନ ଛାତ୍ର ଅଞ୍ଜନ କୁମାର ପାତ୍ର, ଲକ୍ଷ୍ମୀକାନ୍ତ ବେହେରା, ସୁଶାନ୍ତ ପାତ୍ର, ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀ ବନ୍ଦନା ଜେନା, ନିହାରିକା ସାହୁ, ଉତ୍ତମ କୁମାର ଜେନା ପ୍ରମୁଖଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ଦିବଙ୍ଗତ ଦାଶଙ୍କ ବହୁମୁଖୀ ପ୍ରତିଭା ଓ ସମାଜ ତଥା ଶିକ୍ଷାନୁଷ୍ଠାନ ପ୍ରତି ତାଙ୍କର ବଳିଷ୍ଠ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନଟବର ଜେନାଙ୍କ ରଚିତ କବିତାକୁ ସହକାରୀ ଶିକ୍ଷକ ହରିପଦ କର ପାଠ କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ କମଳଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅଣଶିକ୍ଷକ କର୍ମଚାରୀ ନିଶିକାନ୍ତ ପଣ୍ଡା, କମଳାକାନ୍ତ ଘୋଷ ଓ ଛାତ୍ରଛାତ୍ରୀଙ୍କ ସହିତ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟାମାନେ ଏହି ସ୍ମୃତିଚାରଣ ସଭାରେ ଅଂଶଗ୍ରହଣ କରିଥିଲେ।



**ବେଆଇନ ବାଲି ଖାଦାନ ଉପରେ ଚଢ଼ଉ**

## ୫ ବାଲି ବୋଝେଇ ଟ୍ରାକ୍ଟର ଓ ଜେସିବି ଜବତ, ୪ ଅଟକ

ଜଳେଶ୍ୱର ବ୍ଲକ, ୧୬।୫ (ସମିସ) : ଜଳେଶ୍ୱର ବ୍ଲକ ଅଧିନସ୍ଥ ସୁବର୍ଣ୍ଣରେଖା ନଦୀର ରାଜନଗରଠାରେ କେବଳ ଗୋଟିଏ ମାତ୍ର ସରକାରୀ ବାଲି ଖାଦାନ ଥିବା ବେଳେ କିଛି ବାଲି ମାଫିଆ ଶିଖରପୁରଠାରେ ନଦୀରୁ ପ୍ରତ୍ୟେକ ଦିନ ବିଳମ୍ବିତ ରାତିରେ ବେଆଇନ ଭାବରେ ଜେସିବି ମେସିନ ଲଗାଇ ଶହ ଶହ ଟ୍ରାକ୍ଟରରେ ବାଲି ଉତ୍ତୋଳନ କରି ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଥିଲା ବେଳେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଜଳେଶ୍ୱର ତହସିଲ ଅଞ୍ଚଳର ସୁବର୍ଣ୍ଣରେଖା ନଦୀରୁ ବିଭିନ୍ନ ସ୍ଥାନରେ ବେଆଇନ ବାଲି ଖାଦାନକୁ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରିତ ତଥା ଜିଲ୍ଲା ମାଇନ୍ସ ବିଭାଗ ପାଖରେ ଅଭିଯୋଗ ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ ଦେଖିବାକୁ ମିଳୁଥିଲା। ତେବେ ଗତ ବୁଧବାର ବିଳମ୍ବିତ ରାତିରେ ଜିଲ୍ଲା ମାଇନ୍ସ ବିଭାଗ ଓ ଜଳେଶ୍ୱର ପୁଲିସ ପକ୍ଷରୁ ଉକ୍ତ ବେଆଇନ ବାଲି ଖାଦାନ ଉପରେ ଚଢ଼ଉ କରାଯାଇଥିଲା। ଏହି ସମୟରେ ୫ଟି ବାଲି ବୋଝେଇ ଟ୍ରାକ୍ଟର ଓ ଗୋଟିଏ ଜେସିବି ମେସିନ କୁ ଜବତ କରିବା ସହିତ ୪ ଜଣ ବାଲିଆ ମାଫିଆକୁ ଅଟକ ରଖିଛି ବିଭାଗ। ଏହି ଚଢ଼ଉରେ ଜିଲ୍ଲା ମାଇନିଂ ଅଫିସର ସନ୍ତୁଷ୍ଟି ପ୍ରଭା ସେଠୀ, ମାଇନ୍ସ ବିଭାଗର ଡେପୁଟି ଡାଇରେକ୍ଟର ସନ୍ତୋଷ କୁମାର ଦଳାଇଙ୍କ ସହିତ ଜଳେଶ୍ୱର ଥାନା ପୁଲିସ ଉପସ୍ଥିତ ଥିଲେ। ବିଭାଗ ବାଲି ମାଫିଆ ମାନଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

## ମହିଳା କଂଗ୍ରେସର କର୍ମୀ ବୈଠକ



ଜଳେଶ୍ୱର ବ୍ଲକ, ୧୬।୫ (ସମିସ) : ଜଳେଶ୍ୱର ବ୍ଲକ ଅଧିନସ୍ଥ ନଛିମପୁର ଗ୍ରାମରେ ଅପରାହ୍ଣ ଚାରିଟା ସମୟରେ ମହିଳା ନେତ୍ରୀ ରାଧାରାଣୀ ପାତ୍ରଙ୍କ ସଭାପତିତ୍ୱରେ ଶତାଧିକ ମହିଳା ମାନଙ୍କୁ ନେଇ ଏକ ମହିଳା କର୍ମୀ ବୈଠକ ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯୁବ ନେତା ସପନ କୁମାର ଜେନା, ସୁଦାମ ଚରଣ ପାତ୍ର ଯୋଗଦେଇ କଂଗ୍ରେସ ଆଗାମୀ ନିର୍ବାଚନରେ ଦେଇଥିବା ଇସ୍ତାହାର ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମହିଳା ନେତ୍ରୀ ରାଧାରାଣୀ ପାତ୍ର ମତବ୍ୟକ୍ତ କରିଥିଲେ। ସୁଜାତା ଗିରି, ବିଜୟଲକ୍ଷ୍ମୀ ରାଜ, ରୁକ୍ମଣୀ ଗିରି, ଗିରିବାଳା ଗିରି, ସୁପ୍ରଭା ଗିରି, ଜିତାରାଣୀ ଗିରି, କବିତା ରାଣୀ ଗିରି, ଜଳୀ ଗିରି, ଶାନ୍ତିଲତା ରାଉଳ, ଗୀତାରାଣୀ ଗିରି, ନମିତା ଗିରି, ରାଧାରାଣୀ ରାଜ, ସବିତା ଗିରି, ସ୍ନେହଲତା ସେନାପତି, ସୁମତି ଗିରି, ମିତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

**ବାଲେଶ୍ୱର ଏମ୍ସ ସାଟେଲାଇଟ ସେଣ୍ଟରର ସାପ୍ତାହିକ ଓପିଡି ସେବା**

## ୪ ବରିଷ୍ଠ ଡାକ୍ତରଙ୍କ ଚିକିତ୍ସା ପରାମର୍ଶ ଆଜି

ବାଲେଶ୍ୱର, ୧୬।୫(ସମିସ): ବାମପଦାଠାରେ ଥିବା ଏମସ୍ ସାଟେଲାଇଟ୍ ସେଣ୍ଟରରେ ସାପ୍ତାହିକ ଓପିଡି ସେବା ଦୁଇ ଦିନ ଚାଲୁଛି। ଚଳିତ ସପ୍ତାହ ଆସନ୍ତା କାଲି ସାଟେଲାଇଟ୍ ସେଣ୍ଟର ଓପିଡି ସେବା ହେବ। ଏଥିପାଇଁ ଓପିଡି ସେବା ପାଇଁ ଆସୁଥିବା ବିଶେଷଜ୍ଞ ତଥା ଡାକ୍ତରଙ୍କ ତାଲିକା ଜାରି କରାଯାଇଛି। ଏଥର ଶୁକ୍ରବାର ଦିନ ସେଣ୍ଟରକୁ ୪ଟି ବିଭାଗର ବରିଷ୍ଠ ଡାକ୍ତର ଆସୁଛନ୍ତି। ସେମାନେ ହେଲେ ଜେନେରାଲ ସର୍ଜରୀ ବିଭାଗର ସିନିୟର୍ ରେସିଡେଣ୍ଟ ଡାକ୍ତର ହର୍ଷ, ଅର୍ଥୋପେଡ଼ିକ ବିଭାଗର ସିନିୟର ରେସିଡେଣ୍ଟ୍ ଡାକ୍ତର ମନଜୟ, ଡର୍ମାଟୋଲୋଜି ବିଭାଗର ସିନିୟର ରେସିଡେଣ୍ଟ୍ ଡାକ୍ତର ସୋମିକା ଗର୍ଗ ଏବଂ ଡେଣ୍ଟିଷ୍ଟ ବିଭାଗର ସିନିୟର ରେସିଡେଣ୍ଟ୍ ଡାକ୍ତର ସ୍ୱସ୍ତିକ ମାର୍କେଣ୍ଡେ। ପ୍ରକାଶ ଥାଉକି, ସପ୍ତାହର ଦୁଇଦିନ ଶୁକ୍ରବାର ଓ ଶନିବାର ଓପିଡି ସେବା ଚାଲୁ ରହୁଛି। ଟିକେଟ୍ ପଞ୍ଜୀକରଣ ପାଇଁ ସକାଳ ୮ ଘଟିକାରୁ ୧୧ ମଧ୍ୟରେ କରିପାରିବେ ଏବଂ ସକାଳ ୯ ଘଟିକାରୁ ମଧ୍ୟାହ୍ନ ୧ ଘଟିକା ପର୍ଯ୍ୟନ୍ତ ଡାକ୍ତର ତଥା ବିଶେଷଜ୍ଞ ରୋଗୀମାନଙ୍କୁ ପରାମର୍ଶ ପ୍ରଦାନ କରିବେ ବୋଲି ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜାତୀୟ ଡେଙ୍ଗୁ ଦିବସ ପାଳିତ




ବାଲେଶ୍ୱର, ୧୬।୫(ସମିସ): ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗୁରୁବାର ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭା ଗୃହରେ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭାରେ ଅଧ୍ୟକ୍ଷତା କରି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦେବ ଡେଙ୍ଗୁ ରୋଗ ଏଡିସ ମଶା କାମୁଡ଼ିବା ଯୋଗୁ ହୋଇଥାଏ। ଏହାର ପ୍ରତିକାର ପାଇଁ ନିୟମିତ ମଶାରୀ ବ୍ୟବହାର କରିବା, ଦେହକୁ ସମ୍ପୂର୍ଣ୍ଣରୂପେ ଘୋଡାଇ ରଖିବା ଓ ଘର ଚାରିପଟେ ଅପରିଷ୍କୃତ ପାଣି ଜମେଇ ନଦେବା ପାଇଁ ମୁଖ୍ୟ ଚିକିତ୍ସାଧିକାରୀ ଜଗଦେବ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ମୃତ୍ୟୁଞ୍ଜୟ ମିଶ୍ର, ଡା.ରଞ୍ଜନ ନାୟକ, ଡା.ସଞ୍ଜୀବ ପ୍ରଧାନ, ଡିପିଏମ ଅନୀଲ ମହାନ୍ତି, ରମଣୀକାନ୍ତ ଭଞ୍ଜ୍ ପ୍ରମୁଖ ଡେଙ୍ଗୁ ରୋଗର ଲକ୍ଷଣ, ଚିକିତ୍ସା ଓ ସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଚେତନତା ସଭାରେ ଆଶା କର୍ମୀ ଓ ଡାକ୍ତରଖାନାର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଓଡ଼ିଶା ଡ୍ରାଇଭର ମହାସଂଘର ଜିଲ୍ଲାସ୍ତରୀୟ ସମ୍ମେଳନ

ରାଜଘାଟ, ୧୬।୫ (ସମିସ) :




ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ମଥାନି ପ୍ରୀନସ ମଣ୍ଡପ ଠାରେ ଓଡ଼ିଶା ଡ୍ରାଇଭର ମହାସଂଘର ଜିଲ୍ଲା ସ୍ତରୀୟ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘର ସଭାପତି ପ୍ରମୋଦ ଶତପଥୀ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ନିଖିଳ ଓଡ଼ିଶା ଅଟୋ ମହାସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାମଲ ଯୋଗ ଦେଇ ଭୁବନେଶ୍ୱରରୁ ଆସିଥିବା ବିଜୁ ଶ୍ରମିକ ସାମ୍ମୁଖ୍ୟ କର୍ମକର୍ତ୍ତାଙ୍କ ସହଯୋଗ ଯୋଗୁଁ ପରିବହନ ଶ୍ରମିକଙ୍କ ସାମାଜିକ ସୁରକ୍ଷା କଲ୍ୟାଣ ବୋର୍ଡ ଗଠନ ସମ୍ଭବ ପର ହୋଇପାରିଛି ବୋଲି ବକ୍ତବ୍ୟରେ କହିଥିଲେ। ଏଥିସହ ପୂର୍ବରୁ ଡ୍ରାଇଭର ମହାସଂଘର ବିଭିନ୍ନ ଦାବିକୁ ନେଇ ବାରମ୍ବାର ଆନ୍ଦୋଳନ କରାଯିବାରୁ ରାଜ୍ୟ ସରକାର ଦୁର୍ଘଟଣା ଜନିତ ମୃତ୍ୟୁ, ସ୍ୱାଭାବିକ ମୃତ୍ୟୁ, ଦୁର୍ଘଟଣାରେ ଅଙ୍ଗ ପ୍ରତ୍ୟଙ୍ଗ ହରାଇଥିଲେ ଓ ଚିକିତ୍ସା ପାଇଁ ଯଥାକ୍ରମେ ୪ଲକ୍ଷ, ୨ଲକ୍ଷ, ୧ ଲକ୍ଷ ପଚାଶ ହଜାର, ୮୦ ହଜାର ଭଳି ସହାୟତା ରାଶି ଯୋଗାଇ ଦିଆଯିବା ଲାଗି ଘୋଷଣା କରିଛନ୍ତି। ଏଣୁ ଆଗାମୀ ନିର୍ବାଚନରେ ଦଳ ପକ୍ଷରୁ ବଚ୍ଛାଯାଇଥିବା ଦୁଇ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରାଇବା ସହ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରବା ଲାଗି ଉପସ୍ଥିତ ଡ୍ରାଇଭର ମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଡ୍ରାଇଭର ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଚୈତନ୍ୟ ଶାହାଣୀ, ସଡ଼କ ପରିବହନ ଶ୍ରମିକ ମହାସଂଘର ସାଙ୍ଗଠନିକ ସମ୍ପାଦକ ସନ୍ତୋଷ ସାହୁ, ଭୁବନେଶ୍ୱର ଅଟୋ ମହାସଂଘର କାର୍ଯ୍ୟକାରୀ ସଭାପତି ଅସିତ୍ କୁମାର ମାର୍ଥା ପ୍ରମୁଖ ମଞ୍ଚାସୀନ ହୋଇ ଡ୍ରାଇଭରଙ୍କ ନିଷ୍ଠାପର ତ୍ୟାଗ ଓ କୋଭିଡ ସମୟରେ ନିଜକୁ ସେବା କାର୍ଯ୍ୟରେ ନିୟୋଜିତ ରଖି ପରିବହନ ଦାୟିତ୍ୱକୁ ବହନ କରିଥିବାରୁ ସମସ୍ତ ଡ୍ରାଇଭରଙ୍କୁ ପ୍ରଶଂସା କରିଥିଲେ। ସମ୍ପାଦକ ଅଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## କସିପଦା ସମବାୟ ସମିତିରେ ରବି ଧାନକିଣା ଶୁଭାରମ୍ଭ



ରୂପସା, ୧୬।୫ (ସମିସ): ସଦର ବ୍ଲକ ଅନ୍ତର୍ଗତ କସିପଦା ସେବା ସମବାୟ ସମିତିରେ ରବି ଧାନ କିଣା ଶୁଭାରମ୍ଭ ହୋଇଯାଇଛି। ସମିତିର ସଭାନେତ୍ରୀ ଶ୍ରୀମତୀ ପଟ୍ଟନାୟକ ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ବାଲେଶ୍ୱର ସର୍କଲର ଚିଫ ଏଆରସିଏସ ସୀମା ମୁର୍ମୁ ଯୋଗ ଦେଇ ଧାନମଣ୍ଡି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଏସଆରସିଏସ ଦେବାଶିଷ ଦାସ, ଚିଫ ସିଏସଓ ନିହାର ରଞ୍ଜନ ବେହେରା, ଆରଏମସି ସେକ୍ରେଟାରୀ କୃଷ୍ଣଚନ୍ଦ୍ର ନାୟକ, ଏସିଏସଓ ହିମାଂଶୁ ଭୂଷଣ ସାହୁ, ଏସଆରସିଏସ ଗୋପୀନାଥ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ପଞ୍ଜିକୃତ ଚାଷୀଙ୍କ ଠାରୁ ରବିଧାନ କିଣା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୬ ଜଣ ଚାଷୀଙ୍କ ଠାରୁ ୨ ଶହ ୨୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ସମିତି ସମ୍ପାଦକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

